بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 16

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18 ଏପ୍ରିଲ୍ 2019     18 ଶାହାଦତ୍ 1398 ହି.ଶ     12 ଶାବାନ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

اِنَّ مَثَلَ عِیۡسٰی عِنۡدَ اللّٰہِ

کَمَثَلِ اٰدَمَ ؕ خَلَقَہٗ مِنۡ تُرَابٍ

ثُمَّ قَالَ لَہٗ کُنۡ فَیَکُوۡنُ ○

(آل عمران:60)

ଅନୁବାଦ- (ମନେରଖ) ବାସ୍ତବରେ ଅଲ୍ଲାଃଙ୍କ ନିକଟରେ ଇସାଙ୍କ ଅବସ୍ଥା ଆଦମ୍‌ଙ୍କ ଅବସ୍ଥା ସଦୃଶ ଅଟେ; ତାହାଙ୍କୁ (ଅର୍ଥାତ୍ ଆଦମ୍‌ଙ୍କୁ) ଶୁଷ୍କ ମୃତିକାରୁ ସୃଷ୍ଟି କଲେ; ତତ୍ ପରେ ସେ ତାଙ୍କ ସମ୍ବନ୍ଧରେ କହିଲେ, ''ହୋଇଯାଅ'' ଏବଂ ସେ ହୋଇଗଲେ ।

*(ଆଲେ ଇମରାନ୍: ୬୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥**

ମୁତ୍‌ତକି (ଅର୍ଥାତ୍ ଧର୍ମପରାୟଣ ବ୍ୟକ୍ତି) ର ସମ୍ମାନ ସପକ୍ଷରେ ଏ କଥା ଆସିଛି କି ***ଓ୍ୱ ୟୁକିମୁନସ୍ ସଲାତା*** ଅର୍ଥାତ୍ ସେମାନେ ନମାଜକୁ ଛିଡା କରିଥାନ୍ତି (ଅର୍ଥାତ୍ ସ୍ୱଚାରୁ ରୂପେ ପାଠ କରିଥାନ୍ତି) । ଯେବେ ସେ ଅଲ୍ଲାହୁ ଅକ୍‌ବର୍ କହେ ସେତେବେଳେ ପ୍ରବଳ ଉନ୍ମାଦନା ହୋଇଥାଏ ଯାହା ତା ହୃଦୟ ଭିତରେ ବିଭେଦ ସୃଷ୍ଟି କରିଥାଏ । ସେ ଏଇଥିପାଇଁ କେଉଁଠାରୁ କେଉଁଠାକୁ ପହଂଚିଯାଇଥାଏ । ବିଚଳିତ ହୋଇଥାଏ । ବାରମ୍ବାର ***ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍*** (ଅର୍ଥାତ୍ ଆମ୍ଭେ ତୁମ୍ଭର ହିଁ ଉପାସନା କରୁଅଛୁ ଓ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ) କହି ନମାଜ କାଏମ୍ (ଅର୍ଥାତ୍ ସ୍ୱଚାରୁ ରୂପେ ପାଠ କରିବା) ନିମନ୍ତେ ପ୍ରାର୍ଥନା କରିଥାଏ । ସୁତରାଂ ଏହା ହିଁ ଏକ ସଂଘର୍ଷ ଯାହା ଧର୍ମପରାୟଣ ବ୍ୟକ୍ତି ନିଜ ଆତ୍ମା ସହିତ ନମାଜ ପାଠ ସମୟରେ କରିଥାଏ ଓ ଏହାଦ୍ୱାରା କ୍ରମାଗତ ଭାବେ ପୂଣ୍ୟ ମିଳିବ ।

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

### ଇମାନ୍ ବିଲ୍ ଗଏବ୍ (ଅର୍ଥାତ୍ ଅଦୃଷ୍ଟ ଉପରେ ବିଶ୍ୱାସ)

ତକ୍‌ଓ୍ୱା ସମ୍ବନ୍ଧରେ ଯେପରି ମୁଁ ଏକଥା ବର୍ଣ୍ଣନା କରିସାରିଛି ଯେ ଏହା ଏକ ପ୍ରକାର ସ୍ୱଷ୍ଟ ଭାବର ପରିପ୍ରକାଶକୁ ଚାହିଁଥାଏ । ସେଥିଯୋଗୁଁ (ଅଲ୍ଲାଃତାଲା) କହୁଛନ୍ତି, ***ହୁଦଲ୍ ଲିଲ୍ ମୁତ୍‌ତକିନଲ୍ ଲଜିନା ୟୁମିନୁନା ବିଲ୍ ଗଏବ୍ (ବକ୍ରାଃ-୩,୪)*** ଏଥିରେ ଏକ ସ୍ୱଷ୍ଟ ଭାବନାର ପରିପ୍ରକାଶ ରହିଛି । ସ୍ୱଚକ୍ଷୁରେ ଦେଖିବା ମୁକାବିଲାରେ ଅଦୃଷ୍ଟ ରହସ୍ୟ ଉପରେ ବିଶ୍ୱାସ ଆଣିବା ଏକ ପ୍ରକାର ସ୍ୱଷ୍ଟ ଭାବ ବ୍ୟକ୍ତ ଚାହିଁଥାଏ । ସୁତରାଂ ଧର୍ମନିଷ୍ଠ ବ୍ୟକ୍ତିଙ୍କ ପାଇଁ କେତେକ ମାତ୍ରାରେ ସ୍ୱଷ୍ଟଭାବ ବ୍ୟକ୍ତ କରିବାକୁ ହୁଏ କାରଣ ଯେବେ ସେ ସ୍ୱାଲେହ(ଅର୍ଥାତ୍ ସଦାଚାରୀ) ର ପଦମର୍ଯ୍ୟାଦାକୁ ହାସଲ କରିନିଏ ସେତେବେଳେ ତା ପାଇଁ ଅଦୃଷ୍ଟ ହୋଇ ରହେନାହିଁ । କାରଣ ସ୍ୱାଲେହ (ଅର୍ଥାତ୍ ସଦାଚାରୀ)ଙ୍କ ଭିତରୁ ଏକ ନାଳ ବହିଥାଏ ଯାହା ତା ଠାରୁ ବାହାରି ଇଶ୍ୱରଙ୍କ ପର୍ଯ୍ୟନ୍ତ ପହଂଚିଥାଏ । ସେ ଇଶ୍ୱର ଓ ତାହାଙ୍କ ପ୍ରେମକୁ ନିଜ ଆଖିରେ ଦେଖିନିଏ । ଅର୍ଥାତ୍ ***ମନ୍ କାନା ଫି ହାଜିହି ଆମା ଫହୁଓ୍ୱ ଫିଲ୍ ଆଖିରତି ଆମା (ବନି ଇସ୍ରାଇଲ୍-୭୩)*** ଏଥିରୁ ପ୍ରକଶ ହେଉଛି ଯେ ଯେଉଁ ପର୍ଯ୍ୟନ୍ତ ମନୁଷ୍ୟ ଏ ମର୍ତ୍ୟରେ ସମ୍ପୂର୍ଣ୍ଣ ଆଲୋକ ହାସଲ ନ କରିଛି ସେ କେବେବି ଇଶ୍ୱରଙ୍କ ମୁହଁ ଦେଖିବ ନାହିଁ । ସୁତରାଂ ମୁତ୍‌ତକିର କାର୍ଯ୍ୟ ହେଉଛି ଏହା କି ସେ ସର୍ବଦା ଏପରି ସୁର୍‌ମା ପ୍ରସ୍ତୁତ କରିଚାଲୁ ଯଦ୍ୱାରା ତାର ଆଧ୍ୟାତ୍ମିକ ଆଖି ବହିବା ଦୂର ହୋଇଯିବ । ବର୍ତମାନ ଏଥିରୁ ସ୍ୱଷ୍ଟ ହେଲା ଯେ ମୁତ୍‌ତକି ଆରମ୍ଭରୁ ଅନ୍ଧ ହୋଇଥାଏ । ବିଭିନ୍ନ ପ୍ରକାରର ଚେଷ୍ଟା ଓ ପବିତ୍ରତା ଅବଲମ୍ବନ କରି ସେ ନୂର୍ (ଅର୍ଥାତ୍ ଜ୍ୟୋତି) ହାସଲ କରିଥାଏ । ସୁତରାଂ ଯେବେ ଆଖି ଠିକ୍ ହୋଇଗଲା ଓ ସଦାଚାରୀ ବନିଗଲା ତେବେ ପୁଣି ଅଦୃଷ୍ଟ ଉପରେ ବିଶ୍ୱାସର ଆବଶ୍ୟକତା ନାହିଁ ଓ ସ୍ୱଷ୍ଟଭାବର ପରିପ୍ରକାଶ ଶେଷ ହୋଇଗଲା । ଯେଉଁ ଭଳି ରସୁଲେ ଅକ୍‌ରମ୍ ସ.ଆ.ସଙ୍କୁ ବରାଉଲ୍ ଅଏନ୍ (ଅର୍ଥାତ୍ ସ୍ୱଚକ୍ଷ୍ୟୁରେ) ଏହି ଜଗତରେ ବୈକୁଣ୍ଠ ଓ ନର୍କ ଇତ୍ୟାଦି ସବୁକିଛି ଦେଖାଇ ଦିଆଗଲା ଯାହା ମୁତତକିକୁ ଏକ ପ୍ରକାର ଅଦୃଷ୍ଟ ଉପରେ ବିଶ୍ୱାସ କରିବା ରୂପେ ମାନିବାକୁ ପଡିଥାଏ, ସେ ସବୁକିଛି ଆପଣ ସ.ଆ.ସ ଦର୍ଶନ କରିଦେଲେ । ଏହି ଆୟତରେ ଇସାରା ଅଛିକି ଯଦିଚ ମୁତ୍‌ତକି ଅନ୍ଧ ଓ ତକଲ୍ଲୁଫ୍(ଅର୍ଥାତ୍ ସ୍ୱଷ୍ଟଭାବ ପ୍ରକାଶ) କରିବାର ଦୁଃଖରେ ପିଡିତ କିନ୍ତୁ ସ୍ୱାଲେହ ଏକ ଶାନ୍ତି ପ୍ରଦାନକାରୀ ଘରକୁ ଆସିଯାଇଛି ଓ ତାର ଆତ୍ମା ସନ୍ତୁଷ୍ଟ ଆତ୍ମା ହୋଇଯାଇଛି । ମୁତ୍‌ତକି ନିଜ ଭିତରେ ଅଦୃଷ୍ଟ ଉପରେ ବିଶ୍ୱାସର ଅବସ୍ଥା ରଖିଥାଏ । ସେ ମୁହଁ ଯେଉଁ ଆଡେ ଅନୁକୂଳ ସେହିଆଡେ ଶୈଳୀରେ ଚାଲିଥାଏ । ତାକୁ କିଛି ଖବର ନଥାଏ । ପ୍ରତ୍ୟେକ କଥାରେ ତାର ଅଦୃଷ୍ଟ ଉପରେ ବିଶ୍ୱାସ ଥାଏ । ଏହା ହିଁ ତାର ସତ୍ୟତା ଓ ଏହି ସତ୍ୟତାର ମୁକାବିଲାରେ ଇଶ୍ୱର (ତା ପାଇଁ) ପ୍ରତିଶୃତି ଦେଇଛନ୍ତି କି ସେ ସଫଳ ହେବ । ***ଉଲାଏକା ହୁମୁଲ ମୁଫ୍‌ଲେହୁନ୍ ॥ (ବକ୍ରାଃ-୬)***

### ଇକାମସ୍ ସଲାତା (ନମାଜ କାଏମ୍ କରିବା)

ଏହାପରେ ମୁତ୍‌ତକିର ମାନ ସମ୍ମାନ ସପକ୍ଷରେ ଆସିଛି ଯେ *ଓ୍ୱ ୟୁକିମୁନସ୍ ସଲାତା* (ବକ୍ରାଃ:୪) ଅର୍ଥାତ୍ ସେ ନମାଜକୁ ଛିଡା କରିଥାଏ । ଏଠାରେ ଛିଡା କରିବାର ଶବ୍ଦ ବ୍ୟବହାର ହୋଇଛି । ଏହା ମଧ୍ୟ ସେହି ତକଲୁଫ୍ (ଅର୍ଥାତ ଦେଖାଣିଆ ଭାବ ବ୍ୟକ୍ତ) ପ୍ରତି ଇଙ୍ଗିତ କରୁଛି ଯାହା ମୁତ୍‌ତକିର ଲକ୍ଷଣ ଅର୍ଥାତ୍ ଯେବେ ସେ ନମାଜ ପଢ଼ିବା ଆରମ୍ଭ କରିଥାଏ ସେତେବେଳେ କିସମ କିସମର ବିଭ୍ରାନ୍ତିକର ଚିନ୍ତାଧାରାର ସେ ମୁକାବିଲା କରିଥାଏ । ସେଥିଯୋଗୁ ତାର ନମାଜ ବାରମ୍ବାର ତଳେ ପଡ଼ିଯାଏ, ଯାହାକୁ ସେ ଛିଡା କରିଥାଏ, ଯେବେ ସେ ଅଲ୍ଲାହୁ ଅକ୍‌ବର୍ କହେ ସେତେବେଳେ ପ୍ରବଳ ଉନ୍ମାଦନା ହୋଇଥାଏ ଯହା ତା ହୃଦୟ ଭିତରେ ବିଭେଦ ସୃଷ୍ଟି କରିଥାଏ । ସେ ଏଇଥିପାଇଁ କେଉଁଠାରୁ କେଉଁଠାକୁ ପହଂଚିଯାଇଥାଏ । ବିଚଳିତ ହୋଇଥାଏ । ପ୍ରତିକ୍ଷଣ ଇଶ୍ୱରକୁ ପାଇବା ପାଇଁ ଲଢ଼ି ମରିଥାଏ । କିନ୍ତୁ ଯେଉଁ ନମାଜ ତଳେ ପଡିଯାଇଥାଏ ତାହାକୁ ଛିଡା କରିବା ପାଇଁ ବହୁତ କଷ୍ଟ କରିଥାଏ । ବାରମ୍ବାର ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ (ଅର୍ଥାତ୍ ଆମ୍ଭେ ତୁମ୍ଭର ହିଁ ଉପାସନା କରୁଅଛୁ ଓ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ) କହି ନମାଜ କାଏମ୍ (ଅର୍ଥାତ୍ ସ୍ୱଚାରୁ ରୂପେ ପାଠ କରିବା) ନିମନ୍ତେ ପ୍ରାର୍ଥନା କରିଥାଏ । ଏବଂ ଏହିପରି ମୁସ୍ତକିମ୍‌ର ହିଦାୟତ ଚାହିଁଥାଏ ଯଦ୍ୱାରା ତା'ର ନମାଜ ଛିଡା ହୋଇଯିବ । ସେହି ଓ୍ୱସାଓ୍ୱିସ୍ (ଅର୍ଥାତ୍ ବିଭ୍ରାନ୍ତିକର ଚିନ୍ତା ରୂପକ ବାଧକ)ର ମୁକାବିଲାରେ ମୁତ୍‌ତଙ୍କ ଏକ ଛୋଟ ପିଲାପରି ହୋଇଥାଏ ଯିଏ ଇଶ୍ୱରଙ୍କ ସମ୍ମୁଖରେ ବିଳାପ କରି କାନ୍ଦିଥାଏ ଓ କହିଥାଏ ଯେ ମୁଁ ଅଖ୍‌ଲଦା ଇଲଲ୍ ଅରଜ (ଆରାଫ:୧୭୭) ହେଉଅଛି । ସୁତରାଂ ଏହା ହିଁ ଏକ ସଂଘର୍ଷ ଯାହା ଧର୍ମପରାୟଣ ବ୍ୟକ୍ତି ନିଜ ଆତ୍ମା ସହିତ ନମାଜ ପାଠ ସମୟରେ କରିଥାଏ ଓ ଏହାଦ୍ୱାରା କ୍ରମାଗତ ଭାବେ ପୂଣ୍ୟ ମିଳିବ ।

କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ନମାଜରେ ସୃଷ୍ଟି ହେଉଥିବା ଓ୍ୱସାଓ୍ୱିସ୍‌କୁ ତତ୍‌କ୍ଷଣାତ୍ ଦୂର କରିଦେବାକୁ ଚାହିଁଥାନ୍ତି । ଯେବେ କି ଓ୍ୱ ୟୁକିମୁନସ୍ ସଲାତାର ଇଛା ଆଉକିଛି ଥାଏ । କଣ ଇଶ୍ୱର ଜାଣିନାହାଁନ୍ତି ? ହଜ୍‌ରତ୍ ଶେଖ୍ ଅବ୍‌ଦୁଲ୍ କାଦିର୍ ଗିଲାନୀ (ରହେମୁଲ୍ଲାତାଲା) ଙ୍କ ଏକ କଥନ ଅଛି ଅର୍ଥାତ୍ ସେପର୍ଯ୍ୟନ୍ତ ପୂଣ୍ୟ ମିଳିଥାଏ ଯେପର୍ଯ୍ୟନ୍ତ ମୁଜାହିଦାତ୍ (ଅର୍ଥାତ୍ ଚେଷ୍ଟା) ଚାଲିଥିବ । ଯେତେବେଳେ ଚେଷ୍ଟା କରିବା ଶେଷ କରିଦିଆଯାଏ ସେତେବେଳେ ପୁଣ୍ୟ ମିଳିବା ଶେଷ ହୁଏ । ଅର୍ଥାତ୍ ନମାଜ ଓ ରୋଜା ସେତେବେଳ ପର୍ଯ୍ୟନ୍ତ ଆମାଲ୍ (ଅର୍ଥାତ୍ କାର୍ଯ୍ୟନମୁନା) ହୋଇ ର ହେ ଯେପର୍ଯ୍ୟନ୍ତ ଏକ ପ୍ରକାର ଚେଷ୍ଟା ଦ୍ୱାରା ଓ୍ୱସାଓ୍ୱିସ୍ (ଅର୍ଥାତ୍ ବିଭ୍ରାନ୍ତିକର ବାଧକ) ସହିତ ମୁକାବିଲା ଚାଲିଥାଏ । କିନ୍ତୁ ଯେତେବେଳେ ସେଥିରେ ଏକ ଉତମ ସ୍ଥାନ ସୃଷ୍ଟି ହୋଇଯାଏ ଓ ନମାଜ, ରୋଜା ରଖୁଥିବା ବ୍ୟକ୍ତି ତକ୍‌ଓ୍ୱାର ଦେଖାଣିଆ ଭାବରୁ ବଂଚି ତାର ପ୍ରକୃତ ଯୋଗ୍ୟ ହୋଇଥାଏ ସେତେବେଳେ ନମାଜ ଓ ରୋଜା ଆମାଲ (ଅର୍ଥାତ୍ କାର୍ଯ୍ୟ) ହୋଇ ରହେନାହିଁ । ଏଥିରେ ସେମାନେ ପ୍ରଶ୍ନ କଲେ କି କଣ ଏବେ ନମାଜ ମାଫ୍ (ଅର୍ଥାତ୍ ନ ପଢ଼ିବା) ହୋଇଗଲା ? କାରଣ ପୂଣ୍ୟ ତ ସେତେବେଳ ପର୍ଯ୍ୟନ୍ତ ମିଳୁଥିଲା ଯେପର୍ଯ୍ୟନ୍ତ ତକଲୁଫ୍ (ଅର୍ଥାତ୍ ପ୍ରକାଶ୍ୟରେ) କରିବାକୁ ପଡୁଥିଲା । ତେଣୁ କଥା ହେଉଛି ଏହା କି ନମାଜ ଏବେ ଅମଳ ନୁହେଁ ବରଂ ଏକ ପୁରସ୍କାର । ଏହି ନମାଜ ତା'ର ଏକ ଖାଦ୍ୟ ଯାହା ତା'ପାଇଁ କୁର୍‌ରତୁଲ୍ ଅଏନ୍ (ଅର୍ଥାତ୍ ଆଖିର ଥଣ୍ଡା/ଆତ୍ମସନ୍ତୋଷ) । ଯେପରି ଏହା ନଗଦ ବୈକୁଣ୍ଠ ଅଟେ ।

ଅପରପକ୍ଷେ ଯେଉଁ ଲୋକମାନେ ଚେଷ୍ଟାରେ ଲାଗିଛନ୍ତି, ସେମାନେ କୁସ୍ତି କରୁଛନ୍ତି, ଅପରପକ୍ଷେ ସେ ମୋକ୍ଷ ପାଇ ସାରିଛି । ଏହାର ଅର୍ଥ ହେଉଛି ଏପରି କି ମନୁଷ୍ୟର ସଲୁକ (ଅର୍ଥାତ୍ ଇଶ୍ୱର ପ୍ରାପ୍ତି କରିବାର ଅହରହ ଚେଷ୍ଟା) ଯେବେ ଶେଷ ହୁଏ, ତାର କଷ୍ଟ ମଧ୍ୟ ଶେଷ ହୁଏ । ଉଦାହରଣ ସ୍ୱରୂପ ଜଣେ ମାଇଚିଆ ବା ଅଣପୁରୁଷ ଯଦି ଏହା କହେ କି ସେ କେବେ କୌଣସି ମହିଳାକୁ ଆଖି ଉଠାଇ ଦେଖୁନାହିଁ ବୋଲି ତେବେ ସେ କି ପ୍ରକାରର ପୁରସ୍କାର ବା ପୁଣ୍ୟର ଅଧିକାରୀ ହେବ । ତା ନିକଟରେ ତ ବଦ୍ ନଜ୍‌ରି (ଅର୍ଥାତ୍ ବିପକ୍ଷ ଲିଙ୍ଗକୁ ଖରାପ ଦୃଷ୍ଟିରେ ଦେଖିବାର) ଗୁଣ ହିଁ ନାହିଁ । କିନ୍ତୁ ଯେବେ ଜଣେ ସୁପୁରୁଷ ଏପରି କରେ (ଅର୍ଥାତ୍ କୌଣସି ମହିଳାକୁ ଖରାପ ଦୃଷ୍ଟିରେ ନ ଦେଖେ), ସେ ପୁଣ୍ୟର ଅଧିକାରୀ ହେବ । ଏହିପରି ମଣିଷକୁ ହଜାର ହଜାର ସ୍ଥାନ ଅତିକ୍ରମ କରିବାକୁ ପଡ଼ିଥାଏ । କିଛି ବିଷୟରେ ତାର ଅଭ୍ୟାସ ତାକୁ ସମର୍ଥ କରିଦିଏ । ମନ ସହିତ ତାର ବୁଝାମଣା ହୋଇଯାଏ, ସେତେବେଳେ ସେ ଏକ ବୈକୁଣ୍ଠରେ ଥାଏ । କିନ୍ତୁ ପୂର୍ବଭଳି ପୂଣ୍ୟ ମିଳିବ ନାହିଁ । ସେ ଏକ ବେପାର କରିସାରିଛି, ଯାହାର ଲାଭ ପାଇ ଚାଲିଛି । କିନ୍ତୁ ପୂର୍ବ ଅବସ୍ଥା ରହିବ ନାହିଁ । ମନୁଷ୍ୟ ଅହରହ ଚେଷ୍ଟା କରି ତା ସ୍ୱଭାବରେ ସେ ସବୁ ନିହିତ ହୋଇଯାଏ । ଯେଉଁ ବ୍ୟକ୍ତି ସ୍ୱଭାବତଃ ଆନନ୍ଦ ପାଇଥାଏ ସେ ଏ ଯୋଗ୍ୟ ରହେନାହିଁ କି ସେହି କାର୍ଯ୍ୟରୁ ତାକୁ ଅଲଗା କରିଦିଆଯାଉ । ସେ ସ୍ୱଭାବତଃ ସେଥିରୁ ଅଲଗା ରହିପାରିବ ନାହିଁ । ସୁତରାଂ ଧର୍ମପରାୟଣତା ଓ ଧର୍ମନିଷ୍ଠତା ଭିତରେ ସମ୍ପୂର୍ଣ୍ଣ ପରିପ୍ରକାଶ ହୁଏନାହିଁ ବରଂ ତାହା ହେଉଛି ଏକ ପକାରର ଦାବୀ । *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୮,୧୯)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ......*

ପର୍ଯ୍ୟନ୍ତ ଜାରି ରହିଲା ।

**ମେକ୍ସିକୋ, ହଣ୍ଡୁରାସ୍, ଇକୁଏଡିୟର, ପାନାମା, ପାରାଗୁଏ, କୋଷ୍ଟାରିକା ଓ ଏଲ୍ ସଲ୍‌ଭାଡୋର୍‌ର ପ୍ରତିନିଧିମଣ୍ଡଳର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତକାର**

ଏହାପରେ ପ୍ରୋଗ୍ରାମ ମୁତାବକ ନିମ୍ନଲିଖିତ ଦେଶଗୁଡିକରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ସାକ୍ଷାତକାର ରଖାଯାଇଥିଲା । ମେକ୍ସିକୋ, ହଣ୍ଡୁରାସ୍, ଇକୁଏଡିୟର, ପାନାମା, ପାରାଗୁଏ, କୋଷ୍ଟାରିକା, ଏଲସଲ୍‌ଭାଡୋର୍ ।

ମେକ୍ସିକୋରୁ ୩୪ ଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଆସିଥିଲା । ଏହି ପ୍ରତିନିଧିମଣ୍ଡଳର ଅଧିକାଂଶ ଲୋକେ ନୂଆ ଅହେମଦୀ ଥିଲେ । ସେମାନଙ୍କ ମଧ୍ୟରେ କିଛି ଲୋକ ଏପରି ମଧ୍ୟ ଥିଲେ ଯେଉଁମାନଙ୍କୁ ତବ୍‌ଲିଗ୍ କରାଯାଇଛି । ଏହି ପ୍ରତିନିଧିମଣ୍ଡଳ ମେକ୍ସିକୋର ତିନୋଟି ଯମାତ୍ ମେକ୍ସିକୋ ସିଟି, Queretaro and Merida ରୁ ଆସିଥିଲା । ପ୍ରତିନିଧିମଣ୍ଡଳର ଅଧିକାଂଶ ଲୋକ ସଡକ ମାଧ୍ୟମ ଦେଇ ୩୦ଘ. ଯାତ୍ରା କରି ଏଠାରେ ପହଂଚିଥିଲେ ।

ହଣ୍ଡୁରାସ୍‌ରୁ ୧୦ଜଣ ବିଶିଷ୍ଟ ଓ ଇକୁଏଡିଓର୍‌ରୁ ଆଠଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଗୋଟେମାଲାରେ ପହଂଚିଥିଲା । ଯେବେକି ପାନାମା ଓ କୋଷ୍ଟାରିକାରୁ ତିନି ତିନି ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଏବଂ ଏଲସଲ୍‌ଭାଡୋର୍ ଓ ପାରାଗୁଏରୁ ଚାରି ଚାରି ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ଏହି ସମସ୍ତ ଲୋକମାନେ ଆଜିକାର ସାକ୍ଷାତକାରରେ ସାମିଲ୍ ହୋଇଥିଲେ ।

ଗୋଟିଏ ଝିଅପିଲା କହିଲା କି ଫ୍ୟାମିଲି ଲାଇଫ୍ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କେତେକ ମହିଳା ଘରେ ସମୟ ଦେଇପାରୁନାହାନ୍ତି । ମୁଁ ବିବାହିତ, ପାଠ ପଢୁଛି ଓ ମଧ୍ୟ କରିବା ଚାହୁଁଛି । ମୋର ବର୍ତ୍ତମାନ କୌଣସି ସନ୍ତାନ ନାହାନ୍ତି । ହଜୁର୍ ଅନ୍‌ଓ୍ୱର କହିଲେ, ଏବେ ତ କେବଳ ସ୍ତ୍ରୀର ଦାୟିତ୍ୱ, ମାଆର ଦାୟିତ୍ୱ ନାହିଁ । ତେଣୁ ଯଦି ପଢିବାକୁ ଚାହୁଁଛ ତେବେ ସ୍ୱାମୀଙ୍କୁ ପଚାରି ଅନୁମତି ନେବା ଉଚିତ । ତାଙ୍କର ଇଚ୍ଛା ଓ ଅନୁମତି ମିଳିବା ଦ୍ୱାରା ଘରର ପରିବେଶ ଭଲ ରହିବ । ଏଥିରେ ସେ କହିଲେ ଯେ ମୋ ସ୍ୱାମୀତ ଚାହିଁବେ କି ମୁଁ ଘରେ ରହେ କିନ୍ତୁ ମୁଁ ସ୍ୱାମୀଙ୍କୁ ସାହାଯ୍ୟ କରିବାକୁ ଚାହୁଁଛି । ଏଥିରେ ହଜୁର୍ ଅନ୍‌ଓ୍ୱର୍ କହିଲେ, ଯେଉଁଠି ମହିଳାମାନଙ୍କ ଶିକ୍ଷା କଥା ଉଠୁଛି, ମହିଳାମାନଙ୍କୁ ନିଶ୍ଚିତ ରୂପେ ଶିକ୍ଷା ହାସଲ କରିବା ଉଚିତ ଯଦ୍ୱାରା ସେମାନେ ତାଙ୍କ ସନ୍ତାନମାନଙ୍କୁ ସଠିକ୍ ସଂସ୍କାର ଦେଇପାରିବେ । ପୁଣି ହଜୁର୍ ଅନ୍‌ଓ୍ୱର କହିଲେ ଇସଲାମ୍‌ରେ ପାରିବାରିକ ସ୍ତରରେ ମହିଳାମାନଙ୍କର ଦାୟିତ୍ୱ ରହିଛି । ମହିଳାଙ୍କୁ ଇଶ୍ୱର କହିଛନ୍ତି କି ଘରେ ରୁହ ଓ ଘରର କାମ କର, ପିଲାମାନଙ୍କୁ ସମ୍ଭାଳ ଓ ତାଙ୍କୁ ତର୍‌ବିୟତ୍ (ଅର୍ଥାତ୍ ସଂସ୍କାରୀ) କର । ଅନ୍ୟ ପଟେ ପୁରୁଷମାନଙ୍କୁ ଇସଲାମ୍ ଏ ନିର୍ଦ୍ଦେଶ ଦେଇଛି କି ଘରର ସମସ୍ତ ଖର୍ଚ୍ଚର ଦାୟିତ୍ୱ ବହନ କର । ସ୍ତ୍ରୀ ଓ ପିଲାମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କର । ହଜୁର୍ ଅନ୍‌ଓ୍ୱର କହିଲେ, ଯଦି ମେଡିକାଲ ପ୍ରଫେଶନ୍ ଅଛି ତେବେ ସେଥିରେ ମାନବ ସେବା ରହିଛି । ଯଦି କିଛି ସମୟ Job କରିବାକୁ ପଡେ ଓ ସେଥିରେ ସ୍ୱାମୀ ଖୁସି ଅଛନ୍ତି ତେବେ ମାନବ ସେବାର କାର୍ଯ୍ୟ (Job) କରିପାର । ଟଙ୍କା ଉପାର୍ଜନ କରିବା ଉଦ୍ଦେଶ୍ୟ ନରହୁ ବଂର ମାନବ ସେବା କରିବାର ଉଦ୍ଦେଶ୍ୟ ରହୁ । ହଜୁର୍ ଅନ୍‌ଓ୍ୱର କହିଲେ, ଇସଲାମ୍ କିନାୟତ୍ (ଅର୍ଥାତ୍ ଅଳ୍ପକେ ସନ୍ତୁଷ୍ଟି) ଚାହେଁ କି ଯାହାକରି ମିଳିଯାଏ ସେଥିରେ ଚଳିଯିବା । ମନୁଷ୍ୟର କାମନା ବଢି ବଢି ଚାଲେ କମ୍ ହୁଏ ନାହିଁ ଓ ଏହାର ଅନ୍ତ ନାହିଁ । ଏହିସବୁ ଇଚ୍ଛା ଓ ଅଭିଳାଷାକୁ ପୂରଣ କରିବା ପାଇଁ ଚାକିରି କରିବା ହେଉଛି ଭୁଲ୍ କଥା । ହଁ ଆବଶ୍ୟକ ସ୍ଥଳେ ଚାକିରି କରିବା ଠିକ୍ ଅଟେ । ହଜୁର୍ ଅନ୍‌ଓ୍ୱର କହିଲେ କି ଅସଲ କଥା ହେଉଛି ଆସନ୍ତାକୁ ଏପରି ଏକ ଉତମ ପିଢିକୁ ଛାଡିଯିବା ଯିଏ ଦେଶ ଓ ଜାତିର ସେବା କରୁଥିବ । ଯଦି ଅହେମଦୀ ମାଆମାନେ ଏହି ଦାୟିତ୍ୱକୁ ବୁଝିନେବା କି ସନ୍ତାନମାନଙ୍କର ସଂସ୍କାର ହେଉ ଓ ସନ୍ତାନମାନେ ଶିକ୍ଷିତ ହୁଅନ୍ତୁ ତେବେ ଆସନ୍ତା ପଚାଶ (୫୦) ବର୍ଷ ମଧ୍ୟରେ ବା ପରେ ସମୟ ଆସିବ ଯେ ଗୋଟେମାଲା ପରିବେଶରେ ଅହେମଦୀୟତ୍ ଯୋଗୁଁ ଉନ୍ନତି ହେବ । ଏହା ଏପରି ଏକ ଦାୟିତ୍ୱ ଯାହାକୁ କେବଳ ନିଜ ସନ୍ତାନ ବା ପିଢି ମଧ୍ୟରେ ସିମୀତ ରଖିବାର ନାହିଁ ବଂର ଆସନ୍ତା ପିଢି ମଧ୍ୟରେ ଏହାକୁ ଟ୍ରାନ୍ସଫର୍ କରିବା ଜରୁରୀ ଅଟେ ।

ପାରାଗୁଏରୁ ଆସିଥିବା ପ୍ରତିନିଧିମଣ୍ଡଳର ଜଣେ ସଦସ୍ୟ କହିଲେ କି ପାରାଗୁଏରେ ଆମର ପ୍ରଥମ ଜଲ୍‌ସା ସାଲାନା ହେବାକୁ ଯାଉଛି । ହଜୁର୍ ଆମ ଜଲ୍‌ସା ପାଇଁ ଦୁଆ (ଅର୍ଥାତ୍ ପ୍ରାର୍ଥନା) କରନ୍ତୁ । ଏଥିରେ ହଜୁର୍ ଅନ୍‌ଓ୍ୱର କହିଲେ, ଇଶ୍ୱର ଦୟା କରନ୍ତୁ ।

ଇକୁଏଡିଓର ଦେଶରୁ ଆସିଥିବା ଜଣେ ନୂଆ ଅହେମଦୀ ପଚାରିଲେ କି ଆମେ ଆମ ପିଲାମାନଙ୍କ ପାଇଁ କିପରି ଭଲ ମାଆ ବାପା ହୋଇପାରିବୁ । ଏ ପ୍ରଶ୍ନର ଉତରରେ ହଜୁର୍ ଅନ୍‌ଓ୍ୱର କହିଲେ, ମୋ ଖୁତ୍‌ବା ଯୁମା ଗୁଡିକ ଶୁଣନ୍ତୁ । ମୁଁ ଅଧିକାଂଶ ସମୟ ମାଆ ବାପାମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଧ୍ୟାନ ଆକର୍ଷଣ କରାଇଥାଏ । ନୂଆ ଓ ପୁରୁଣା ଅହେମଦୀମାନଙ୍କ ପାଇଁ ଏହା ଜରୁରୀ ଅଟେ କି ସମସ୍ତେ ଖିଲାଫତ୍ ସହିତ ଯୋଜି ହୋଇ ରହନ୍ତୁ ଓ ଦୃଢ ସମ୍ପର୍କ ସ୍ଥାପନ କରନ୍ତୁ । ତର୍‌ବିୟତ୍ ପାଇଁ ସବୁଠାରୁ ଉତମ କଥା ହେଉଛି କାର୍ଯ୍ୟନମୁନା । ଯେ ପର୍ଯ୍ୟନ୍ତ ଘରେ, ନିଜ ଚରିତ୍ରରେ ନିଜ କାର୍ଯ୍ୟ ନମୁନାରେ, ନିଜ ଅଭ୍ୟାସରେ ଉତମ କାର୍ଯ୍ୟ ନମୁନା ପ୍ରତିଷ୍ଠା କରିନାହିଁ ସେ ପର୍ଯ୍ୟନ୍ତ ପିଲାମାନଙ୍କର ସଠିକ୍ ତର୍‌ବିୟତ୍ କରିପାରିବ ନାହିଁ । ଯେବେ ପିଲାଏ ବଡ ହେଉଛନ୍ତି ସେ ଦେଖୁଥାନ୍ତି କି ଆମ ବାପାଙ୍କ ବ୍ୟବହାର ମାଆଙ୍କ ସହିତ ଠିକ୍ ନାହିଁ, ସେତେବେଳେ ପିଲାମାନଙ୍କ ତର୍‌ବିୟତ୍‌ରେ ଖରାପ ପ୍ରଭାବ ପଡିଥାଏ । ବାପା କହିଥାନ୍ତି ସତ୍ୟ କୁହ, କିନ୍ତୁ ଯଦି ସେ ନିଜେ ସତ ନ କୁହନ୍ତି ତେବେ ପିଲା କହିବକି ମୋର ଭୁଲ ତରବିୟତ୍ କରୁଛନ୍ତି । ପିଲାମାନଙ୍କ ତର୍‌ବିୟତ୍ ପାଇଁ ଏହା ଜରୁରୀ ଅଟେ କି ମାଆ ବାପାଙ୍କ କାର୍ଯ୍ୟନମୁନା ଠିକ୍ ଥିବା । ସେମାନଙ୍କ ଭଲ ଆଦର୍ଶ ଥିବ । ଭଲ ଚରିତ୍ର ଥିବ ।

ପାନାମା ଦେଶରୁ ଆସିଥିବା ଜଣେ ନୂଆ ଅହେମଦୀ କହିଲେ କି ମୁଁ ହଜୁର୍ ଅନ୍‌ଓ୍ୱରଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି । ମୁଁ ବହୁତ ବେମାର ଥିଲି । Prostate ବିମାରୀ ଥିଲା । ହଜୁରଙ୍କ ନିକଟକୁ ଦୁଆ କରିବା ପାଇଁ ନିବେଦନ କରୁଥିଲି । ଏବେ ମୋର ଅପରେଶନ ସରିଯାଇଛି ଓ ମୁଁ ସ୍ୱାସ୍ଥ୍ୟବାନ ହୋଇଯାଇଛି । ଏଥିରେ ହଜୁର୍ ଅନ୍‌ଓ୍ୱର କହିଲେ: ଅଲହମ୍‌ଦୋଲିଲ୍ଲାଃ (ଅର୍ଥାତ୍ ସମସ୍ତ ପ୍ରଶଂସା ଇଶ୍ୱରଙ୍କର) ଅଲ୍ଲାଃତାଲା ଆରୋଗ୍ୟ ପ୍ରଦାନ କଲେ ।

ହଣ୍ଡୁରାସ ଦେଶରୁ ଆସିଥିବା ଜଣେ ନୂଆ ଅହେମଦୀ କହିଲେ ଯେ ମୋତେ ବୟତ କରିବାକୁ ଏକ ବର୍ଷ ହୋଇଗଲାଣି । ମୋ ଘର ଲୋକମାନଙ୍କ ତରଫରୁ ଓ ମୋ ସାଙ୍ଗସାଥିମାନଙ୍କ ତରଫରୁ ମଧ୍ୟ ମୋର ମୁଖାଲିଫତ୍ କରାଯାଉଛି । ମୁଁ ଇଂଟରନ୍ୟାସନାଲ ଲ ପଢୁଛି । ଏ ପର୍ଯ୍ୟନ୍ତ ମୋର ବିଭାଘର ହୋଇନାହିଁ । ମୁଁ ଉର୍ଦ୍ଦୁ ଓ ଇଂରାଜୀ ଭାଷା ଶିଖିବାକୁ ଚାହୁଁଛି । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ: ଇଶ୍ୱର ଦୟା କରନ୍ତୁ ।

ପାରାଗୁଏ ଦେଶରୁ ସେଠିକାର Deputy Minister of Education Robert Cano ସାହେବ୍ ଆସିଥିଲେ । ସେ Deputy Minister of Religion ମଧ୍ୟ ଅଛନ୍ତି । ସେ ହଜୁରଙ୍କ ନିକଟରେ କହିଲେ କି ତାଙ୍କର ଗୋଟେମାଲା ଆସିବାର ଉଦ୍ଦେଶ୍ୟ ହେଉଛି Minister of Education ତରଫରୁ ହଜୁର୍‌ଙ୍କ ଗୋଚରେ ଗୋଟିଏ ଚିଠି ପେଶ୍ କରିବା କି ଆମ ଶିକ୍ଷା ମନ୍ତ୍ରାଳୟ ଭବିଷ୍ୟତରେ ଯମାତ ଅହେମଦୀୟା ସହିତ ମିଶି କାମ କରିବାକୁ ଚାହୁଁଛି । ସୁତରାଂ ସେ ନିଜେ ଉକ୍ତ ଚିଠିଟିକୁ ହଜୁର୍ ଅନୁଓ୍ୱର୍‌ଙ୍କୁ ପ୍ରଦାନ କଲେ ।

ଆଉଜଣେ ନୂଆ ଅହେମଦୀ ପଚାରିଲେ କି ଆଜିକାଲି ଭୌତିକବାଦ ବହୁତ ଅଧିକ ହୋଇଯାଇଛି । ଜଣେ ଇମାନ୍‌ଦାର ବ୍ୟକ୍ତି କିପରି ଏପରି ପରିବେଶରେ ନିଜକୁ ଉତମ ରୂପେ ଗଢ଼ିତୋଳି ପାରିବ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ: ଇଶ୍ୱରଙ୍କ ନିକଟରେ ନତମସ୍ତକ ହୁଅ, ଉପାସନା ପ୍ରତି ଧ୍ୟାନ ଦିଅ, ଇସଲାମୀୟ ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କର ଓ ଉତମ ଚରିତ୍ର ହାସଲ କର ଫଳତଃ ଇଶ୍ୱରଙ୍କ ପ୍ରସନ୍ନତା ପାଇପାରିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ମୁଁ ଏଥିପାଇଁ ଆସିଛି କି ଭକ୍ତଙ୍କୁ ଇଶ୍ୱରଙ୍କ ନିକଟତର କରିବି ଓ ଯେଉଁ ଦୂରତା ସୃଷ୍ଟି ହୋଇଯାଇଛି ତାଙ୍କୁ ଶେଷ କରିବି । ହଜୁର୍ କହିଲେ: ଆପଣ ପାଂଚବେଳା ନମାଜ ଏପରି ପାଠକର କି ଯଦି ନମାଜରେ ଇଶ୍ୱରଙ୍କୁ ଦେଖିପାରୁନାହଁ ତେବେ ଏତିକି ଜାଣ ଯେ ଇଶ୍ୱର ତୁମକୁ ଦେଖୁଛନ୍ତି, ଏହାଦ୍ୱାରା ତୁମଠାରେ ବିନମ୍ରତା ସୃଷ୍ଟି ହେବ । ହଜୁର୍ ଅନୁଓ୍ୱର୍ କହିଲେ: ପ୍ରତ୍ୟେକ ଦିନ ନିଜ ଅନୁଶୀଳନ କରି ଏପରି ବତାଇବା ଉଚିତ୍ ଯେ ଆଜି ମୁଁ କେତେ ଉନ୍ନତି କରିଛି । କେଉଁ କେଉଁ ଖରାପ କାମକୁ ଛାଡିଛି ଓ କେଉଁ କେଉଁ ପୁଣ୍ୟ କାର୍ଯ୍ୟ ଆପଣେଇଛି । ଧର୍ମକୁ ଅଗ୍ରାଧିକାର ଦେବା ଉଚିତ୍ । ଏହା ଆପଣଙ୍କ ପାଇଁ ଉଚିତ୍ ହେବ ।

ମେକ୍‌ସିକୋ ଦେଶରୁ ଆସିଥିବା ଜଣେ ଯୁବକ ଖାଦିମ୍ କହିଲେ କି ସେ କାଏଦ୍ ମଜଲିସ୍ ଖୁଦାମୁଲ୍ ଅହେମଦୀୟା ଅଛନ୍ତି । ତବ୍‌ଲିଗ୍ ସମ୍ବଳିତ ଆମର କିଛି ପ୍ରୋଗ୍ରାମ୍ ଚାଲିଛି, ସେଥିଯୋଗୁ ପ୍ରାର୍ଥନା କରିବା ପାଇଁ ନିବେଦନ । ଆମେ ଏଠାରୁ ଲେଉଟି ଯିବାପାଇଁ ୨୮ ରୁ ୩୦ ଘଂଟା ଯାତ୍ରା କରିବୁ । ସେଥିପାଇଁ ମଧ୍ୟ ପ୍ରାର୍ଥନା ନିମନ୍ତେ ଆବେଦନ କରୁଛୁ । ପବିତ୍ର କୋରାନ୍ ପଢ଼ିବା ଓ ବୁଝିବା ପାଇଁ ପ୍ରାର୍ଥନା କରିବାକୁ ନିବେଦନ କରୁଛି । ଏଥିରେ ହଜୁର୍ କହିଲେ : ଇଶ୍ୱର ଆପଣଙ୍କର ସମସ୍ତ ଇଚ୍ଛାକୁ ଗ୍ରହଣ କରନ୍ତୁ ଓ ପୂଣ୍ୟକାର୍ଯ୍ୟ କରିବାକୁ ଓ ଆଗକୁ ବଢ଼ିବା ପାଇଁ ଶକ୍ତି ଦିଅନ୍ତୁ ।

# : ଖୁତ୍‌ବା ଜୁମା :

ତୁମ୍ଭମାନଙ୍କୁ ଅଲ୍ଲାଃଙ୍କ ବୈକୁଣ୍ଠ ପ୍ରାପ୍ତି ହେବ ଯାହା ତାଙ୍କର ସମସ୍ତ ପୁରସ୍କାର ଠାରୁ ବଳି ସର୍ବୋତମ ପୁରସ୍କାର ଅଟେ । ମୁଁ ନିଜ ପାଇଁ କେବଳ ଏତିକି ଚାହୁଁଛି କି ଯେପରି ତୁମେମାନେ ନିଜ ପରିଜନମାନଙ୍କର ରକ୍ଷା କରୁଅଛ ସେହିପରି ଆବଶ୍ୟକ ସ୍ଥଳେ ମୋ ପ୍ରତି ସମାନ ଆଚରଣ କର ।

ହଜରତ ମହମ୍ମଦ ସ.ଆଙ୍କର ଆଜ୍ଞାକାରୀ, ନିଷ୍ପାପର ପୂର୍ଣ୍ଣ ତଥା ବିଶ୍ୱସ୍ତତାର ସାକ୍ଷାତ ପ୍ରତିବିମ୍ବ ବଦରୀ ସାହାବୀ ହଜରତ ସାଏବ ବିନ୍ ଉସମାନ, ହଜରତ ଜୁମରା ବିନ୍ ଅମରୁ ଜୁହନୀ, ହଜରତ ସାଆଦ୍ ବିନ୍ ସୁହେଲ୍, ହଜରତ ସାଅଦ୍ ବିନ୍ ଉବୈଦା, ହଜରତ ସହଲ ବିନ୍ ଅତିକ, ହଜରତ ସୁହେଲ ବିନ୍ ରାଫେ, ହଜରତ ସାଆଦ୍ ବିନ୍ ଖୈସମ ର.ଅଙ୍କ ପବିତ୍ର ଜିବନୀର ବିଶ୍ୱାସ ବର୍ଦ୍ଧକ ଓ ହୃଦୟଦ୍ରାବୀ ଚର୍ଚ୍ଚା ।

ସାହାବାଙ୍କ ଜିବନୀ ସମ୍ବନ୍ଧରେ ଇସଲାମର ଇତିହାସରୁ ବୈଅତେ ଉକବା ସାନିୟା, ହଜରତ ମହମ୍ମଦ ସ.ଆଙ୍କର ମଦିନା ପ୍ରବାସ କରିବା ଅନ୍ତେ ମସଜିଦ୍ ନବୀର ନିର୍ମାଣ ହଜରତ ସାଆଦ୍ ବିନ୍ ଖୈସମ ର.ଅଙ୍କ ଶହିଦ୍ ହେବା ଓ ଜଶର ଯୁଦ୍ଧର ସଂକ୍ଷିପ୍ତ ଆଲୋଚନା ।

ଅଲ୍ଲାଃତାଲା ସର୍ବଦା ବୈକୁଣ୍ଠରେ ଉକ୍ତ ସାହାବୀମାନଙ୍କ ସ୍ତର ଅଭିବୃଦ୍ଧି କରିଚାଲିଥାନ୍ତୁ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୫ ମାର୍ଚ୍ଚ ୨୦୧୯ ଅନୁଯାୟୀ ୧୫ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଆଜି ଯେଉଁ ସାହାବି ମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବି ହେଲେ ହଜରତ ସାଏବ ବିନ ଉସମାନ ର.ଅ । ସେ ହଜରତ ଉସମାନ ବିନ୍ ମଜଉନ୍‌ଙ୍କର ପୁତ୍ର ଥିଲେ । ତାଙ୍କ ମାତାଙ୍କ ନାମ ହଜରତ ଖଓ୍ୱାଲ ବିନିତ୍ ହକିମ୍ । ସେ ଇସଲାମର ପ୍ରାରମ୍ଭିକ ସମୟରେ ହିଁ ଇସଲାମ୍ ଧର୍ମରେ ଦିକ୍ଷିତ ହେବାର ସୌଭାଗ୍ୟ ଲାଭ କରିଥିଲେ । ହଜରତ ସାଏବ ବିନ୍ ଉସମାନ୍ ନିଜର ପିତା ଏବଂ ଦାଦା ହଜରତ କୁଦ୍ଦାମଙ୍କ ସାଙ୍ଗେ ହବସା ଆଡ଼କୁ ଦ୍ୱିତୀୟ ପ୍ରବାସରେ ଶାମିଲ୍ ଥିଲେ । ତାଙ୍କର ଚର୍ଚ୍ଚା ହଜରତ ମହମ୍ମଦ ସ.ଅଙ୍କ ଧନୁଚାଳନକାରୀଙ୍କ ମଧ୍ୟରେ କରାଇଯାଇଥାଏ । ହଜରତ ସାଏବ ବିନ୍ ଉସମାନ୍ ବଦର, ଓହଦ୍, ଖନ୍ଦକ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ୍ ଥିଲେ । (ଅସଦୁଲ୍ ଗାବାଃ ଭାଗ-୨ ପୃ-୩୯୬ ରୁ ୩୯୭)

ବଓାତ୍ ଯୁଦ୍ଧରେ ହଜୁର ସ.ଅ ତାଙ୍କୁ ମଦିନାର ଅମୀର ନିଯୁକ୍ତି କରିଥିଲେ । ଉକ୍ତ ଯୁଦ୍ଧ ୨ହିଜରୀରେ ଘଟିଥିଲା । ଏଥିସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି- ରବିଉଲ୍ ଅଓଲ୍‌ର ଶେଷ ଦିନରେ ଅବା ରବିଉଲ୍ ସାନି (ମାସ)ର ପ୍ରାରମ୍ଭରେ ହଜୁର ସ.ଅଙ୍କୁ କୁରୈଶ ନିକଟରୁ କୌଣସି ଖବର ମିଳିଲା ଯଦ୍ୱାରା ଆପଣ ମହାଜରିନ୍‌ଙ୍କର ଏକ ଦଳ ସାଥିରେ ନେଇ ମଦିନାରୁ ବାହାରିଲେ ଏବଂ ନିଜ ପଛରେ ସାଏବ୍ ବିନ୍ ଉସମାନ୍‌ଙ୍କୁ ମଦିନାର ଅମିର (ଦଳପତି) କରିଯାଇଥିଲେ କିନ୍ତୁ କୁରୈଶର କୌଣସି ସନ୍ଧାନ ମିଳି ନଥିଲା । ଅତଃ ଆପଣ ବଓାତ୍ ନିକଟରେ ପହଂଚି ଫେରି ଆସିଥିଲେ । (ସିରତ୍ ଖାତମୁନ୍ ନବୀଇନ୍ ପୃ-୩୨୯)

ବଓାତ୍ ମଦିନାଠାରୁ ପ୍ରାୟ ୪୮ମାଇଲ୍ ଦୂରରେ ଅବସ୍ଥିତ ଏକ ପାହାଡ଼ିଆ ଅଂଚଳ । (ସବିଲୁଲ୍ ହୁଦା ଭାଗ-୪ ପୃ-୧୫)

ହଜରତ ସାଏବ ବିନ୍ ଉସମାନ୍ ୟମାମା ଯୁଦ୍ଧରେ ସାମିଲ୍ ଥିଲେ । ୟମାମ ଯୁଦ୍ଧ ହଜରତ ଅବୁବକର ର.ଅଙ୍କ ଶାସନକାଳରେ ୧୨ହଜ୍‌ରୀରେ ହୋଇଥିଲା । ଯେଉଁ ଯୁଦ୍ଧରେ ତାଙ୍କୁ ଶତ୍ରୁ ପକ୍ଷର ତୀର ଲାଗିଥିଲା, ବସ୍ତୁତଃ ସେ ପ୍ରାଣ ହରାଇଥିଲେ । ମୃତ୍ୟୁବେଳେ ତାଙ୍କୁ ପ୍ରାୟ ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିଲା । (ତବକାତୁଲ୍ କୁବରା ଭାଗ-୩ ପୃ-୩୦୭)

ପରବର୍ତୀ ସାହାବି ହେଉଛନ୍ତି ହଜରତ ଜୁମରାହ୍ ବିନ୍ ଅମ୍ର ଜୁହନି ର.ଅ । ସେ ବନୁ ଜରିଫ୍ ସମ୍ପ୍ରଦାୟର ମିତ୍ର ଥିଲେ । କେତେକଙ୍କ କହିବାନୁଯାୟୀ ସେ ବନୁ ସାଆଦାହ୍ ସମ୍ପ୍ରଦାୟର ମିତ୍ର ଥିକେ ଯାହାକି ସାଆଦ୍ ବିନ ଉବାଦାଙ୍କ ସମ୍ପ୍ରଦାୟ ଥିଲେ । ହଜରତ ଜୁମରାହ୍ ବଦର ଓ ଓହଦ୍ ଯୁଦ୍ଧରେ ଶାମିଲ୍ ଥିଲେ । ସେ ଓହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । (ଅସଦୁଲ୍ ଗାବାଃ ଭାଗ-୩ ପୃ-୬୦,୬୧)

ପରବର୍ତୀ ସାହାବି ହେଉଛନ୍ତି ହଜରତ ସାଆଦ୍ ବିନ୍ ସୁହେଲ ର.ଅ । ସେ ବଦର, ଓହଦ୍ ଓ ଖନ୍ଦକ ଯୁଦ୍ଧରେ ସମେତ ସମସ୍ତ ଯୁଦ୍ଧରେ ଶାମିଲ୍ ଥିଲେ । (ଅସଦୁଲ୍ ଗାବାଃ ଭାଗ-୨ ପୃ-୩୯୫)

ପରବର୍ତୀ ସାହାବି ହେଲେ ହଜରତ ସାଅଦ୍ ବିନ୍ ଉବେଦା ର.ଅ । ସେ ବଦର, ଓହଦ୍ ଓ ଖନ୍ଦକ ଯୁଦ୍ଧରେ ସମେତ ସମସ୍ତ ଯୁଦ୍ଧରେ ଶାମିଲ୍ ଥିଲେ । ଆପଣ କାରୀ ଉପାଧିରେ ସୁପ୍ରସିଦ୍ଧ ଥିଲେ ଏବଂ ଅବୁ ଜୈଦ୍ ତାଙ୍କର ଗୈତ୍ର ଥିଲେ । ହଜରତ ସାଅଦ୍ ବିନ୍ ଉବେଦା ର.ଅ ସେହି ୪ଜଣ ସାହାବିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ।ଯେଉଁମାନେ ଅନସାରମାନଙ୍କ ମଧ୍ୟରୁ ରସୁଲୁଲ୍ଲା ସ.ଅଙ୍କ କାଳରେ କୁରଆନ୍ ଏକତ୍ରିତ କରିଥିଲେ । ତାଙ୍କର ପୁତ୍ର ଉମୈର ବିନ୍ ସାଆଦ୍ ହଜରତ ଉମର ର.ଅଙ୍କ ଶାସନ କାଳରେ ଶମ୍ ଦେଶର ଏକ ଭୂଖଣ୍ଡର ଶାସକ ଥିଲେ । ଏକ ରିଓ୍ୱାୟତ୍ ଅନୁଯାୟୀ ହଜରତ ସାଅଦ୍ ବିନ୍ ଉବେଦା ର.ଅ ହଜୁର ସ.ଅଙ୍କ କାଳରେ ମସଜିଦେ କୁବାରେ ଇମାମତ୍ କରୁଥିଲେ । ହଜରତ ଅବୁବକର ର.ଅ ଏବଂ ହଜରତ ଉମର ର.ଅଙ୍କ ଶାସନ କାଳରେ ମଧ୍ୟ ଇମାମତ୍ ପଦରେ ଅଧିଷ୍ଠିତ୍ ଥିଲେ । ହଜରତ ସାଅଦ୍ ବିନ୍ ଉବେଦା ର.ଅ ପ୍ରବାସର ୧୬ ବର୍ଷ ପରେ କାଦସିୟା ଯୁଦ୍ଧରେ ଶହିଦ୍ ହୋଇଥିଲେ । ସେତେବେଳେ ତାଙ୍କୁ ୬୪ବର୍ଷ ହୋଇଥିଲା ।

ଅବଦୁର ରହେମାନ୍ ବିନ୍ ଅବୁ ଲୈଲା ର.ଅ ବର୍ଣ୍ଣନା କରନ୍ତି- ଜସ୍ର ଯୁଦ୍ଧ ଯାହାକି ୧୩ହିଜରୀରେ ହୋଇଥିଲା । ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ଅନେକ କ୍ଷତି ହୋଇଥିଲା । ସେଥିରେ ହଜରତ ସାଅଦ୍ ବିନ୍ ଉବେଦା ର.ଅ ପରାହିତ ହୋଇ ଫେରି ଆସିଥିଲେ ଅର୍ଥାତ୍ ଯୁଦ୍ଧ କ୍ଷେତ୍ରରୁ ପଳାୟବ କରିଥିଲେ । ଏହି ଯୁଦ୍ଧରୁ ଫେରିବା ଅନ୍ତେ ହଜରତ ଉମର ର.ଅ ତାଙ୍କୁ ପଚାରିଲେ ଶାମ୍ ଦେଶର ଜିହାଦରେ ଆପଣଙ୍କର ଅଭିରୂଚି ରହିଛି କି ? ସେଠାରେ ମୁସଲମାନମାନଙ୍କୁ ହତ୍ୟା କରାଯାଉଅଛି ଏବଂ ମୁସଲମାନମାନେ ବହୁ କ୍ଷତି ସହ୍ୟ କଲେଣି । ଯଦି ଆପଣ ଜୁସ୍ର ଯୁଦ୍ଧର କଳଙ୍କ ନିଜ ଉପରେ ଲିଭାଇବାକୁ ଚାହୁଁଛନ୍ତି ତେବେ ସେଠାକୁ ଚାଲିଯାନ୍ତୁ । ହଜରତ ସାଅଦ୍ ବିନ୍ ଉବେଦା ର.ଅ ଉତର ଦେଲେ ମୁଁ ଉକ୍ତ ଯୁଦ୍ଧ କ୍ଷେତ୍ର ବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ ଯିବି ନାହିଁ । ସେଠାରେ ଶତ୍ରୁ ବିପକ୍ଷରେ ଲଢିବି । ଅତଏବ ହଜରତ ସାଅଦ୍ ବିନ୍ ଉବେଦା ର.ଅ କାଦିସିୟା ଆସିଲେ ଏବଂ ଶତ୍ରୁ ସହ ଲଢୁଥିବା ଅବସ୍ଥାରେ ବୀରଗତି ପ୍ରାପ୍ତ କଲେ । ଅବଦୁର୍ ରହେମାନ୍ ବିନ୍ ଉବୈଦା ଅବୁ ଲୈଲ ବର୍ଣ୍ଣନା କରନ୍ତି ହଜରତ ସାଅଦ୍ ବିନ୍ ଉବେଦା ର.ଅ ଲୋକମାନଙ୍କୁ ଉପଦେଶ ଦେଇ କହିଲେ କି

ଆସନ୍ତା କାଲି ଆମ୍ଭେମାନେ ଶତ୍ରୁମାନଙ୍କ ବିପକ୍ଷରେ ଲଢିବୁ ଏବଂ ଆସନ୍ତା କାଲି ହିଁ ଆମେମାନେ ବୀରଗତି ପ୍ରାପ୍ତ କରିବୁ । ଅତଃ ତୁମେମାନେ ଆମର ଶରୀରରୁ ରକ୍ତକୁ ଧୋଇବ ନାହିଁ ଏବଂ ଆମେମାନେ ପରିଧାନ କରିଥିବା ବସ୍ତ୍ର ବ୍ୟତୀତ ଅନ୍ୟ କୌଣସି ବସ୍ତ୍ର ପରିଧାନ କରେଇ ଆମକୁ କବର ଦେବ ନାହିଁ । (ତବକାତୁଲ୍ କୁବରା ଭାଗ-୩ ପୃ-୩୪୯)

ପରବବର୍ତୀ ସାହାବି ହେଲେ ହଜରତ ସହଲ ବିନ୍ ଅତିକ ର.ଅ । ସେ ୭୦ଜଣ ଅନସାରୀଙ୍କ ସହିତ ବୈଅତ ଅକବା ସିନିୟାରେ ଶାମିଲ୍ ଥିଲେ । ତାଙ୍କୁ ବଦର ଓ ଓହଦ୍ ଯୁଦ୍ଧରେ ଶାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । (ତବକାତୁଲ୍ କୁବରା ଭାଗ-୩ ପୃ-୩୮୭)

ପରବର୍ତୀ ସାହାବି ହେଲେ ହଜରତ ସୁହୈଲ୍ ବିନ୍ ରାଫେ ର.ଅ ସେ ବନୁ ନଜ୍ଜାର ସମ୍ପ୍ରଦାୟର ଥିଲେ । ଯେଉଁ ସ୍ଥାନରେ ମସଜିଦେ ନବୀ ନିର୍ମାଣ ହୋଇଛି ତାହା ହଜରତ ସୁହୈଲ୍ ଓ ତାଙ୍କ ଭ୍ରାତା ସହଲଙ୍କର ସମ୍ପତି ଥିଲା । ହଜରତ ସୁହୈଲ୍ ବିନ୍ ରାଫେ ର.ଅ ବଦର, ଓହୋଦ୍ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସହିତ ଶାମିଲ୍ ଥିଲେ ଏବଂ ହଜରତ ଉମର ର.ଅଙ୍କ ଶାସନ କାଳରେ ମୃତ୍ୟୁ ବରଣ କରିଥିଲେ । (ତବକାତୁଲ୍ କୁବରା ଭାଗ-୩ ପୃ-୩୭୨)

ହଜରତ ମିର୍ଜା ବଶିରୁଦ୍ଦିନ ସାହେବ ର.ଅ ନିଜ ପୁସ୍ତକ ସିରତ୍ ଖାତମୁନ୍ ନବୀଇନ୍‌ରେ ଉଲ୍ଲେଖ କରିଛନ୍ତି । ମଦିନାକୁ ପ୍ରବାସ କଲାବେଳେ ମୁସଲମାନମାନଙ୍କ ସର୍ବପ୍ରଥମ କାର୍ଯ୍ୟ ମସଜିଦ୍ ନବୀର ନିର୍ମାଣ କରିବା ଥିଲା, ଯେଉଁ ସ୍ଥଳେ ହଜୁର ସ.ଅଙ୍କ ଉଟ ବିରାଜମାନ କରିଥିଲା । ଉକ୍ତ ଜମି ମଦିନାର ଦୁଇ ଜଣ ବାଳକ ସହଲ୍ ଓ ସୁହୈଲ୍‌ଙ୍କର ଥିଲା । ଯେ ଅସଅଦ ଜରାରଙ୍କ ତତ୍ୱାବଧାନରେ ଲାଳିତ ପାଳିତ ହେଉଥିଲେ । ଏହା ଏକ ଅଜ୍ଞାତ ଓ ଜନବସତି ଶୂନ୍ୟ ସ୍ଥାନ ଥିଲା, ଯାହାର ଗୋଟିଏ ଭାଗରେ ଖଜୁରୀର କିଛି ବୃକ୍ଷ ରହିଥିଲା ଏବଂ ଅନ୍ୟ ପାର୍ଶ୍ୱରେ କିଛି ପରିତ୍ୟକ୍ତ ଗୃହ ରହିଥିଲା । ହଜୁର ସ.ଅ ଉକ୍ତ ସ୍ଥାନକୁ ମସଜିଦ୍ ନିର୍ମାଣ ନିମନ୍ତେ ପସନ୍ଦ କଲେ । ସୁତରାଂ ସେମାନଙ୍କୁ ୧୦ଦିନାର ଦେଇ ଉକ୍ତ ଜମି ତାଙ୍କ ଠାରୁ କିଣିନେଲେ ତଥା ଜମିକୁ ସମତୁଳ କରି ସେଠାରେ ମସଜିଦ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଲେ । (ସିରତ୍ ଖାତମୁନ୍ ନବୀଇନ୍ ପୃ-୨୬୯)

ଆଉ ଏକ ରିଓାୟତ୍‌ରେ ଉଲ୍ଲେଖ ରହିଛି କି ଉକ୍ତ ଜମିର ରାଶି ହଜରତ ଅବୁବକର ର.ଅ ପୈଠ କରିଥିଲେ । (ଶରହ ରୁକାନି ଭାଗ-୨ ପୃ-୧୮୬)

ପୁନଶ୍ଚ ଉଲ୍ଲେଖ ରହିଛି କି ଉକ୍ତ ଜମିକୁ ସମତୁଳ କରି ସେଠାରେ ମସଜିଦ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଲେ । ଯେପରି ହଜୁର ସ.ଅ କୁବାର ମସଜିଦ୍‌ର ଭିତି ପ୍ରସ୍ତର ସ୍ଥାପନ କରିବା ସମୟରେ ଦୁଆ କରିଥିଲେ ଏବଂ ସାହାବାମାନେ ନିର୍ମାଣକାର୍ଯ୍ୟରେ ମୀସ୍ତ୍ରୀ ଓ ମୁଲିଆ ରୂପେ ସେବା ସମ୍ପାଦନ କରିଥିଲେ । ଠିକ୍ ସେହିପରି ହଜୁର ସ.ଅ ସ୍ୱୟଂ ପ୍ରାର୍ଥନା କରି ଭିତି ସ୍ଥାପନ କଲେ ଏବଂ ସାହାବାମାନଙ୍କ ସହ ମିଳିତ ଭାବରେ ନିର୍ମାଣ କାର୍ଯ୍ୟରେ ମଧ୍ୟ ଯୋଗ ଦେଇଥିଲେ ।

ସେତେବେଳେ ଉକ୍ତ ମସଜିଦ୍‌ର ଉଚ୍ଚତା ୧୦ଫୁଟ୍ ଥିଲା । ଏବଂ ତାହାର ଦୈର୍ଘ୍ୟ ୧୦୫ଫୁଟ୍ ତଥା ପ୍ରସ୍ଥ ୯୦ଫୁଟ୍ ଥିଲା । ମସଜିଦ୍‌ର ଏକ କୋଣରେ ଏକ ଛାତର ଚବୁତରା ନିର୍ମାଣ କରାଯାଇଥିଲା । ଯାହାକୁ ଲୋକମାନେ ସଫା ବୋଲି କହୁଥିଲେ । ଏହା ସେହି ପ୍ରାବସକାରିଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଯେଉଁମାନଙ୍କ ଘରବାଡ଼ି ନଥିଲା । ସେମାନେ ସେହିଠାରେ ହିଁ ବସବାସ କରୁଥିଲେ ଯାହାଙ୍କୁ ଅସହାବେ ସୁଫା କହୁଯାଉଥିଲା । ମସଜିଦ୍‌କୁ ଲାଗି ହଜୁର ସ.ଅଙ୍କ ନିବାସ ଗୃହ ଥିଲା । ଉକ୍ତ ଘର ୧୦/୧୫ଫୁଟ୍ ବିଶିଷ୍ଟ ଏକ କ୍ଷୁଦ୍ର କୋଠରୀ ଥିଲା । ଯାହାର ଏକ ଦ୍ୱାର ମସଜିଦ୍ ଆଡ଼କୁ ରହିଥିଲା । ଯେଉଁ ବାଟ ଦେଇ ହଜୁର ମସଜିଦ୍ ଆସୁଥିଲେ । ଯେତେବେଳେ ହଜୁର ସ.ଅ ଏକାଧିକ ବିବାହ କଲେ ସେତେବେଳେ ଉକ୍ତ ଗୃହ ସହ ସଂଲଗ୍ନ ଆଉ କିଛି ଗୃହ ନିର୍ମାଣ କରାଗଲା । ତଥା ମସଜିଦ୍‌ର ଆଖପାଖରେ ମଧ୍ୟ ସାହାବାମାନଙ୍କ ନିମନ୍ତେ କିଛି ବାସଗୃହ ନିର୍ମାଣ କରାଗଲା । ଅତଃ ଏହା ଥିଲା ମସଜିଦ୍ ନବୀ ଯାହାକି ମଦିନାରେ ନିର୍ମିତ ହୋଇଥିଲା । ସେତେବେଳେ ସାଧାରଣ ଲୋକମାନଙ୍କ ନିମନ୍ତେ ଏପରି କୌଣସି ରହିବାର (ଭବନର) ସୁବ୍ୟବସ୍ଥା ନଥିଲା । ଯେଉଁଠାରେ ଜାତୀୟ ସ୍ୱାର୍ଥ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ତେଣୁ ଏହି ଭବନଟି ଦେଶର ଜାତୀୟ ସ୍ୱାର୍ଥ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାରେ ସହାୟକ ହେଉଥିଲା । ସେତେବେଳେ ଉକ୍ତ ମସଜିଦ୍ ହିଁ କାର୍ଯ୍ୟାଳୟର ଭୂମିକା ନିର୍ବାହ କରିଆସୁଥିଲା ଏବଂ ସେହିଠାରେ ହିଁ ହଜୁର ସ.ଅଙ୍କ ପବିତ୍ର ବୈଠକ ଆୟୋଜିତ ହେଉଥିଲା । ଲୋକେ ସମସ୍ତ ପ୍ରକାର ପରାମର୍ଶ ଦେଉଥିଲେ, ସେହିଠାରେ ହିଁ ମକଦ୍ଦମାର ବିଚାର ଓ ନିଷ୍ପତି ଦିଆଯାଉଥିଲା । ସେହିଠାରେ ହିଁ ଆଦେଶନାମା ଜାରି ହେଉଥିଲା ତଥା ଅତିଥିମାନଙ୍କ ସତ୍କାର କାର୍ଯ୍ୟ ମଧ୍ୟ ସମ୍ପାଦନ ହେଉଥିଲା । ଉକ୍ତ ମସଜିଦ୍‌ରେ ହିଁ ଯୁଦ୍ଧ କଏଦୀମାନଙ୍କ ପାଇଁ କାରାଗାର ରୂପେ ବ୍ୟବହୃତ ହେଉଥିଲା । ଅର୍ଥାତ ସେହି ମସଜିଦ୍‌ରେ ହିଁ ଯୁଦ୍ଧ କଏଦୀମାନଙ୍କୁ ରଖାଯାଉଥିଲା ଏବଂ ସେମାନଙ୍କ ମଧ୍ୟରୁ ଅଣେକ କଏଦୀ ଏପରି ଥିଲେ ଯେଉଁମାନେ କି ମୁସଲମାନମାନଙ୍କୁ ପ୍ରାର୍ଥନା କରିବା, ପାରସ୍ପରିକ ପ୍ରେମ ଓ ଭଲପାଇବା ଦେଖି ମୁସଲମାନ ହୋଇ ଯାଉଥିଲେ ।

ତେବେ ସେ ଜାହା ହେଉଏଥିସମ୍ବନ୍ଧରେ ସର ଉଲିୟମ୍ ମେଓର ଏହି ମସଜିଦ୍ ସମ୍ପର୍କରେ ରଚନା କରିଛନ୍ତି ଯେ, ଏହି ମସଜିଦ୍ ପଦାର୍ଥ ସାମଗ୍ରୀ ଦୃଷ୍ଟିକୋଣରୁ ଅତ୍ୟନ୍ତ ସରଳ ଓ ସାଧାରଣ ମସଜିଦ୍ ଥିଲା । କିନ୍ତୁ ମହମ୍ମଦ ସ.ଅଙ୍କର ଏହି ମସଜିଦ୍ ଇସଲାମୀୟ ଇତିହାସରେ ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଈଶ୍ୱରଙ୍କ ପ୍ରିୟ ରସୁଲ ଏବଂ ତାଙ୍କର ସହଚର ଅନୁଗାମୀମାନେ ଏହି ମସଜିଦ୍‌ରେ ନିଜର ଅଧିକାଂଶ ସମୟ ଅତିବାହିତ କରିଥିଲେ । ସେହିଠାରେ ହିଁ ଇସଲାମୀୟ ନିୟମାନୁଯାୟୀ ସାମୁହିକ ନମାଜ ପାଠର ଶୁଭାରମ୍ଭ ହୋଇଥିଲା । ସେହିଠାରେ ହିଁ ସମସ୍ତ ମୁସଲମାନମାନେ ଶୁକ୍ରବାର ଦିନ ଅଲ୍ଲାଃତାଲାଙ୍କର ସଦ୍ୟତମ ଐଶୀବାଣୀ ଶୁଣିବା ପାଇଁ ଏକତ୍ରିତ ହେଉଥିଲେ । ସେହିଠାରେ ହିଁ ହଜୁର ସ.ଅ ଜୟଯାତ୍ରା ସମ୍ପର୍କୀୟ ପ୍ରସ୍ତାବ ନିର୍ଣ୍ଣୟ କରୁଥିଲେ ତଥା ସେହି ଭବ୍ୟ ଭବନ ନିର୍ମିତ ହେଉଥିଲା ଯେଉଁଠାରେ ବିଜୟୀ ଏବଂ ଅନୁତପ୍ତ ଗୋଷ୍ଠୀମାନଙ୍କର ପ୍ରତିନିଧିମଣ୍ଡଳ ହଜୁର ସ.ଅଙ୍କ ସମକ୍ଷରେ ଉପସ୍ଥିତ ହେଉଥିଲେ । ଏହା ହିଁ ସେହି ଦରବାର ଯେଉଁଠାରେ ସେହି ରାଜକୀୟ ଆଦେଶନାମା ପ୍ରବର୍ତନ ହେଉଥିଲା । ଯାହାକି ଆରବର ସୁଦୂର ଓ କୋଣ ଅନୁକୋଣ ପର୍ଯ୍ୟନ୍ତ ବ୍ୟାପି ରହିଥିବା ବିଦ୍ରୋହମାନଙ୍କୁ ଭୟଭୀୟ ଓ ପ୍ରକମ୍ପିତ କରିପକାଉଥିଲା । ପରିଶେଷରେ ଏହି ମସଜିଦ୍‌ର ନିକଟସ୍ଥ ନିଜର ପତ୍ନୀ ଆଏଶା ର.ଅଙ୍କ କୋଠରୀରେ ହଜୁର ସ.ଅ ଦେହତ୍ୟାଗ କରିଥିଲେ ଏବଂ ସେହିଠାରେ ହିଁ ଦୁଇ ଖଲିଫାଙ୍କୁ ଉଭୟ ପାର୍ଶ୍ୱରେ କବର ଦିଆଯାଇଛି । ସେ ଯାହାହେଉ ନା କାହିଁକି ହଜରତ ସୁହେଲ୍ ଓ ତାଙ୍କ ଭାଇ ସହଲ ସେହି ଭାଗ୍ୟଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନଙ୍କୁ ଇସଲାମର ଏହି ମହାନ୍ ଧାର୍ମିକ କେନ୍ଦ୍ର ପାଇଁ ନିଜର ଜମି ଉତ୍ସର୍ଗ କରିବାର ଅବସର ପ୍ରାପ୍ତ ହେଲା ।

ଉକ୍ତ ମସଜିଦ୍ ଓ ସେଥିସହ ସଂଲଗ୍ନ ଥିବା କୋଠରୀମାନ ପାଖାପାଖି ୭ମାସରେ ନିର୍ମିତ ହୋଇଥିଲା ଏବଂ ହଜୁର ସ.ଅ ନିଜର ନବ ନିର୍ମିତ ଘରକୁ ନିଜ ପତ୍ନୀ ହଜରତ ସୌଦା ର.ଅଙ୍କ ସାଥିରେ ପ୍ରବେଶ କରିଥିଲେ । ଆଉ କେତେକ ସାହାବୀ ଅନସାରମାନଙ୍କଠାରୁ ଜମି ହାସଲ କରି ମସଜିଦ୍‌ର ନିକଟରେ ନିଜ ନିଜ ଘର ତିଆରି କରିଥିଲେ । ଯେଉଁମାନଙ୍କୁ ମସଜିଦ୍ ନିକଟରେ ଜମି ମିଳିଲା ନାହିଁ ସେମାନେ ଦୂରରେ ଯାଇ ଘର ତୋଳି ନେଲେ । ଆଉ କେତେକ (ଭାଗ୍ୟବାନଙ୍କୁ) ଅନସାରଙ୍କ ତିଆରି ହୋଇଥିବା ଘର ମିଳିଗଲା । (ସିରତ୍ ଖାତମୁନ୍ ନବୀଇନ୍ ପୃ-୨୬୯ରୁ୨୭୧)

ପରବର୍ତୀ ସାହାବି ହେଉଛନ୍ତି ହଜରତ ସାଆଦ ବିନ୍ ଖୈସମା ର.ଅ । ସେ ଅସ୍ ସମ୍ପ୍ରଦାୟର ଥିଲେ, ତାଙ୍କ ମାତାଙ୍କ ନାମ ହିନ୍ଦ ବିନତ୍ ଅସ୍ ଥିଲା । ହଜୁର ସ.ଅ ହଜରତ ସାଆଦ୍ ବିନ୍ ଖୈସମା ଓ ହଜରତ ଅବୁ ସଲମା ବିନ୍ ଅବ୍ଦୁଲ୍ ଅସଦ ର.ଅଙ୍କ ମଧ୍ୟରେ ମୌତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ହଜରତ ସାଆଦ୍ ସେହି ୧୨ଜଣ ବାର୍ତା ଉଦଘୋଷଣାକାରୀ ତଥା ବାର୍ତା ପ୍ରଚାରକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନଙ୍କୁ ହଜୁର ସ.ଅ ବୈଅତେ ଅକବା ସାନିୟା ଅବସରରେ ମଦିନାର ମୁସଲମାନମାନଙ୍କର ବାର୍ତା ଉଦଘୋଷଣକାରୀ ରୂପେ ନିଯୁକ୍ତି କରିଥିଲେ । (ତବକାତୁଲ୍ କୁବରା ଭାଗ-୩ ପୃ-୩୬୬ରୁ ୩୬୭)

ସିରତ୍ ଖାତମୁନ୍ ନବୀଇନ୍‌ରେ ହଜରତ ମିର୍ଜା ବଶୀର ଅହମଦ ସାହେବ ଉଲ୍ଲେଖ କରିଛନ୍ତି- ୧୩ ନବଓୀରେ ଜିଲ୍ ହଜ୍ଜା ମାସରେ ଅଓସ୍ ଓ ଖଜରଜ୍ ସମ୍ପ୍ରଦାୟର ଶତାଧିକ ଲୋକମାନେ ମକ୍କା ଆସିଥିଲେ । ତନ୍ମଧ୍ୟରୁ ୭୦ଜଣ ବ୍ୟକ୍ତି ଏପରି ଥିଲେ ଯେଉଁମାନେ ହୁଏତ ମୁସଲମାନ ହୋଇଯାଇଥିଲେ କିମ୍ବା ବର୍ତମାନ ସେମାନେ ମୁସଲମାନ ହେବାକୁ ଚାହୁଁଥିଲେ । ହଜୁର ସ.ଅ ଧାର୍ଯ୍ୟ ତାରିଖରେ ରାତ୍ର ସମୟରେ ଏକୁଟିଆ ଘରୁ ବାହାରିଲେ ଏବଂ ବାଟରେ ନିଜର ଚଚା ଅବାସ୍ ର.ଅଙ୍କୁ ସାଥିରେ ନେଇ ଘାଟିରେ ପହଁଚିଲେ । ଯିଏକି ସେତେବେଳ ସୁଧା ମୁସଲମାନ ହୋଇନଥିଲେ କିନ୍ତୁ ହଜୁର ସ.ଅଙ୍କୁ ବହୁତ ଭଲ ପାଉଥିଲେ । ସେଠାରେ ପହଁଚିବାର ସେମାନଙ୍କୁ ଅଧିକ ସମୟ ହୋଇନଥିଲା କି ଅନସାରମାନେ ଜଣେ ଦୁଇ ଜଣ କରି ସେଠାରେ ଆସି ପହଂଚିଗଲେ । ସର୍ବପ୍ରଥମେ ହଜରତ ଅବାସ୍ ର.ଅ କହିବା ଆରମ୍ଭ କଲେ କି ହେ ଖଜରଜ୍ ସମ୍ପ୍ରଦାୟ ! ହଜୁର ସ.ଅ ନିଜ ବଂଶର ଜଣେ ସମ୍ମାନିତ ଓ ପ୍ରିୟତମ ବ୍ୟକ୍ତିତ୍ୱ ଅଟନ୍ତି ଏବଂ ସେହି ବଂଶଟି ଆଜି ପର୍ଯ୍ୟନ୍ତ ତାଙ୍କର ସୁରକ୍ଷା ଦାୟିତ୍ୱ ନିର୍ବାହ କରିଆସୁଥିଲା । ପ୍ରତ୍ୟେକ ବିପଦ ଆପଦରୁ ତାଙ୍କର ଢାଲ ପରି ରକ୍ଷା କରି ଆସୁଥିଲା । କିନ୍ତୁ ବର୍ତମାନ ମହମ୍ମଦ ସ.ଅ ନିଜର ମାତୃଭୂମି ଛାଡ଼ି ଆପଣମାନଙ୍କ ନିକଟରେ ସରଣ ନେଇଛନ୍ତି । ତେଣୁ ଆପଣମାନେ ତାଙ୍କୁ ନିଜ ନିକଟବର୍ତୀ କରିବାକୁ ଇଚ୍ଛୁକ ତେବେ ଆପଣମାନଙ୍କୁ ମିଳିତ ଭାବରେ ତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ହେବ ଯଦି ଏଥିନିମନ୍ତେ ଆପଣମାନେ ପ୍ରସ୍ତୁତ ଅଛନ୍ତି ତେବେ ସ୍ପଷ୍ଟ ରୂପେ କହିଦିଅନ୍ତୁ ନଚେତ୍ ମନାକରିଦିଅନ୍ତୁ । କାରନ ସ୍ପଷ୍ଟ ବଚନ ଉତମ ସାବ୍ୟସ୍ତ ହୋଇଥାଏ । ବରାଅ ବିନ୍ ମାଆରୁର୍ ଯିଏକି ଅନସାରର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଥିଲେ ଏବଂ ପ୍ରଭାବଶାଳୀ ମଧ୍ୟ ଥିଲେ । ସେ କହିଲେ ଆମ୍ଭେମାନେ ଚାହୁଁଛୁ ହଜୁର ସ.ଅ ନିଜ (ପବିତ୍ର)ମୁଖରୁ କିଛି କୁହନ୍ତୁ । ଅତଏବ ହଜୁର ସ.ଅ କୁରଆନ୍ ଶରୀଫ୍‌ର କେତେକ ଆୟତ ପାଠ କଲେ ଏବଂ ଏକ ସଂକ୍ଷିପ୍ତ ଅଭିଭାଷଣରେ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ଆଲୋକପାତ କରିବା ସହ ଅଲ୍ଲାଃ ଓ ଭକ୍ତ ମାନଙ୍କ ପ୍ରତି ମଣିଷର କର୍ତବ୍ୟ ସମ୍ବନ୍ଧରେ ସଚେତନ କରାଇଲେ । ହଜୁର ଆହୁରି କହିଲେ କି ମୁଁ ମୋ ନିଜ ପାଇଁ କେବଳ ଏତିକି ଚାହୁଁଛି କି ଯେପରି ତୁମେମାନେ ନିଜ ପରିଜନମାନଙ୍କର ରକ୍ଷା କରୁଅଛ ସେହିପରି ଆବଶ୍ୟକ ସ୍ଥଳେ ମୋ ପ୍ରତି ନ୍ୟାୟ ଆଚରଣ କର । ବାରଆ ବିନ୍ ମାଆରୁର୍ ଆରବମାନଙ୍କ ପ୍ରଥାନୁସାରେ ହଜୁର ସ.ଅଙ୍କ ହାତ ନିଜ ହାତରେ ରଖି କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ! ଆମେମାନେ ସେହି ଈଶ୍ୱରଙ୍କର ଶପଥ କରି କହୁଅଛୁ ଯେ ଆପଣଙ୍କୁ ସତ୍ୟ ଓ ଯଥାର୍ଥ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି, ଆମେମାନେ ନିଜର (ପ୍ରିୟ)ପ୍ରାଣ ପରି ଆପଣଙ୍କର ରକ୍ଷା କରିବୁ । କାରଣ ଆମେମାନେ ଖଣ୍ଡାର ଛତ୍ରଛାୟାରେ ଲାଳିତ ପାଳିତ ହୋଇଅଛୁ । ପୁନଶ୍ଚ ସେମାନେ ହଜୁର ସ.ଅଙ୍କ ପ୍ରଶ୍ନ କଲେ ଆମ୍ଭେମାନେ ତ ଆପଣଙ୍କ ରକ୍ଷା କରିବାର ସମସ୍ତ ସାଧନ ଓ ଜତନ କରିବୁ କିନ୍ତୁ ତାହା ବଦଳରେ ଆମ୍ଭମାନଙ୍କୁ କଣ ହାସଲ ହେବା । ହଜୁର

ସ.ଅ ଉତର ଦେଲେ ତୁମ୍ଭମାନଙ୍କୁ ଅଲ୍ଲାଃତାଲାଙ୍କର ସ୍ୱର୍ଗ ଲାଭ ହେବା । ଯାହାକି ଅଲ୍ଲାଃଙ୍କର ସର୍ବୋତ୍କୃଷ୍ଟ ପୁରସ୍କାର ଅଟେ । ସମସ୍ତ ଅନସାରମାନେ କହିଉଠିଲେ- ଆମ୍ଭକୁ ଏହି ବ୍ୟାପାରିକ ସର୍ତଟି ମଞ୍ଜୁର ଅଛି । ଆପଣ ନିଜ ହସ୍ତ ଆଗକୁ ବଢାନ୍ତୁ । ହଜୁର ସ.ଅ ନିଜ ହସ୍ତ ଆଗକୁ ବଢାଇଲେ ଏବଂ ପ୍ରାୟ ୭୦ଜଣ ପ୍ରାଣ ଉତ୍ସର୍ଗୀଙ୍କର ଏକ ଦଳ ଏକ ଚୁକ୍ତି କରି ହଜୁର ସ.ଅଙ୍କ ହସ୍ତରେ ବିକ୍ରି ହୋଇଗଲେ । ସୁତରାଂ ଏହି ବୈଅତର ନାମ ବୈଅତେ ଉକବା ସାନିୟା ଅଟେ । ତାପରେ ହଜୁର ସ.ଅ ସେମାନଙ୍କ ମଧ୍ୟରେ ୧୨ଜଣଙ୍କୁ ବାର୍ତା ଉଦଘୋଷଣାକାରୀ ନିଯୁକ୍ତି କଲେ । ସେମାନଙ୍କର ନାମ ଏପରି ହଜରତ ଅସଅଦ୍ ବିନ୍ ଜରାରହ୍, ଉସେଦ୍ ବିନ୍ ହଜିର, ଅବୁ ଲହୈସମ୍ ବିନ୍ ମାଲିକ୍, ବରାଅ ବିନ୍ ମାଆରୁର୍, ଅବ୍ଦୁଲ୍ଲାଃ ବିନ୍ ରଓାହା, ଉବାଦା ବିନ୍ ସାମିତ୍, ସାଆଦ୍ ବିନ୍ ରବିହ୍, ଅରଫାଅ ବିନ୍ ମାଲିକ୍, ଅବ୍ଦୁଲ୍ଲା ବିନ୍ ଅମ୍ର, ମୁନ୍ଜିର୍ ବିନ୍ ଅମ୍ର ଏବଂ ସାଆଦ୍ ବିନ୍ ଖୈସମା । (ସିରତ୍ ଖାତମୁନ୍ ନବୀଈନ୍ ପୃ-୨୨୭ରୁ୨୩୨)

ହଜରତ ସାଆଦ୍ ବିନ୍ ଖୈସମାଙ୍କର କୁବାଠାରେ ଏକ କୂପ ରହିଥିଲା । ଯାହାଙ୍କୁ ଅଲଗର୍ସ କୁହାଯାଉଥିଲା । ହଜୁର ସ.ଅଙ୍କ ବିୟୋଗ ଅନ୍ତେ ତାଙ୍କୁ ସେହି କୂପର ଜଳ ଦ୍ୱାରା ସ୍ନାନ କରାଯାଇଥିଲା । ହଜୁର ସ.ଅ କହିଥିଲେ ଯେତେବେଳେ ମୋର ଦେହାନ୍ତ ଘଟିବ ସେତେବେଳେ ବଏରେ ଗସ୍ର (କୂପରୁ) ସାତ ମଶକିଜାଃ ଜଣ ଆଣି ମୋତେ ସ୍ନାନ ଦେବ । ନବୀ କରିମଙ୍କୁ ତିନି ଥର ସ୍ନାନ କରାଯାଇଥିଲା ହଜରତ ଅଲୀ ର.ଅ ହଜରତ ଅବାସ୍ ର.ଅଙ୍କୁ ସ୍ନାନ କରାଇଥିଲେ ଏବଂ ହଜରତ ଫଜଲ୍ ହଜରତ ଅଲୀଙ୍କୁ ସ୍ନାନ କରାଇଥିଲେ । ସୁଲେମାନ୍ ବିନ୍ ଅୟାନ୍ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ.ଅ ବଦର ଯୁଦ୍ଧ ପାଇଁ ବାହାରିଲେ ସେତେବେଳେ ସାଆଦ୍ ବିନ୍ ଖୈସମା ଏବଂ ତାଙ୍କ ପିତା ଉଭୟ ହଜୁର ସ.ଅଙ୍କ ସହିତ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ହଜୁର ସ.ଅ ତାଙ୍କୁ କହିଥିଲେ ଉଭୟଙ୍କ ମଧ୍ୟରୁ ଜଣେ ଯୁଦ୍ଧ ପାଇଁ ବାହାର । ସୁତରାଂ ସେମାନଙ୍କ ମଧ୍ୟରେ ଗୁଳା ପଡ଼ିଲା ହଜରତ ଖୈସମା ନିଜ ପୁତ୍ରକୁ କହିଲେ ଆମମାନଙ୍କ ମଧ୍ୟରୁ କେବଳ ଜଣେ ହିଁ ଯାଇ ପାରିବ । ତୁମେ ଏପରି କର କି ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଘରେ ରହିଯାଅ । ଉତରରେ ହଜରତ ସାଆଦ୍ କହିଲେ- ଯଦି ସ୍ୱର୍ଗ ବ୍ୟତୀତ ଅନ୍ୟ କିଛି (ପ୍ରାପ୍ତ) କରିବାର ଲାଳସା ନଥାନ୍ତା ତେବେ ମୁଁ ଆପଣଙ୍କୁ ନିଶ୍ଚିତ ରୂପେ ଅଗ୍ରାଧିକାର ଦେଇଥାନ୍ତି କିନ୍ତୁ ମୁଁ ତ ସ୍ୱୟଂ ବୀରଗତି ପ୍ରାପ୍ତ କରିବାର ଅଭିଳାଷୀ । ପିତା କହିଲେ ତେବେ କୁର୍ରାରେ ହଜରତ ସାଆଦ୍ଙ୍କ ନାମ ବାହାରିଲା । ଅତଃ ସେ ହଜୁର ସ.ଅଙ୍କ ସହିତ ବଦର ଯୁଦ୍ଧରେ ବାହାରିଲେ ଏବଂ ବଦର ଯୁଦ୍ଧରେ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ । (ମୁସତଦରିକ୍ ଆଲା ଭାଗ-୩ ପୃ-୨୦୯)

ଗୋଟିଏ ରେଓାୟତ୍ ମୁତାବକ ବଦର ଯୁଦ୍ଧରେ ହଜୁର ସ.ଅଙ୍କ ସହିତ ଦୁଇଟି ଅଶ୍ୱ ଥିଲା । ଗୋଟିଏ ଅଶ୍ୱ ଉପରେ ହଜରତ ମସଅବ୍ ବିନ୍ ଉମୈର ଏବଂ ଅନ୍ୟ ଅଶ୍ୱର ଉପରେ ହଜରତ ସାଆଦ୍ ବିନ ଖୈସମା ଆରୋହଣ ହୋଇଥିଲେ । ହଜରତ ଜୁବେର ବିନ୍ ଅଓାମ୍ ଏବଂ ହଜରତ ମିକଦାଦ୍ ବିନ୍ ଅସଓଦ୍ ମଧ୍ୟ ପାଳି କରି ଅଶ୍ୱ ଉପରେ ଆରୋହଣ କରୁଥିଲେ ।

ହଜରତ ମିର୍ଜା ବଶିର ଅହମଦ୍ ସାହେବଙ୍କ ମତରେ ବଦର ଯୁଦ୍ଧରେ ମୁସଲମାନମାନଙ୍କ ନିକଟରେ ୭୦ଟି ଓଟ ତଥା ୨ଟି ଅଶ୍ୱ ଥିଲା । (ସିରତ୍ ଖାତମୁନ୍ ନବୀଈନ୍ ପୃ-୨୨୭ରୁ୨୩୨)

ଆଉ କେତେକ ପୁସ୍ତକରେ ଉଲେଖ ରହିଛି କି ଅଶ୍ୱଗୁଡ଼ିକର ସଂଖ୍ୟା ୩ ଓ ୫ ଥିଲା । (ଶରଃ ଯରକାନି ଭାଗ-୨ ପୃ-୨୬୦)

ସେ ଯାହା ହେଉ ନା କାହିଁକି ଯୁଦ୍ଧ ନିମନ୍ତେ ସେମାନଙ୍କ ନିକଟରେ ଯେଭଳି ସାମଗ୍ରୀ ରହିଥିଲା ତାହା ଅମାନ୍ୟକାରୀଙ୍କ ଯୁଦ୍ଧ ସାମଗ୍ରୀ ସହ ତୁଳନା କରାଯାଇପାରିବ ନାହିଁ । କିନ୍ତୁ ଯେତେବେଳେ ମୁସଲମାନମାନଙ୍କ ଉପରେ ଅମାନ୍ୟକାରୀମାନେ ଆକ୍ରମଣ କଲେ ସେତେବେଳେ ସେମାନେ ଚିନ୍ତା କରୁଥିଲେ କି ଆଜି ଆମେ ଏହି କିଂଚିତ ମାତ୍ର ମୁସଲମାନମାନଙ୍କର ମୂଳୋତ୍ପାଟନ କରିଦେବୁ । ସେତେବେଳେ ସେହି ବିଶ୍ୱାସକାରୀମାନେ ନିଜର ସାଜ ସରଞ୍ଜାମ ଆଡ଼କୁ ଚାହିଁଲେ ନାହିଁ । ବରଂ ଅଲ୍ଲାଃତାଲାଙ୍କ ଖାତିର ନିଜକୁ ଜଳାଞ୍ଜଳୀ ଦେବା ନିମନ୍ତେ ବ୍ୟଗ୍ର ଥିଲେ । ଯାହାକୁ ଅଲ୍ଲାଃ ଗ୍ରହଣ କଲେ ଓ ସେମାନଙ୍କୁ ବିଜୟ ମଣ୍ଡିତ କଲେ । ଅଲ୍ଲାଃତାଲା ସର୍ବଦା ବୈକୁଣ୍ଠରେ ଉକ୍ତ ସାହାବୀମାନଙ୍କ ସ୍ତର ଅଭିବୃଦ୍ଧି କରିଚାଲିଥାନ୍ତୁ ।

---

## ସାରାଂଶ ଖୁତ୍‌ବା ଜୁମା
## (ପ୍ରଦତ୍ତ: ୨୯ ଡିସେମ୍ବର ୨୦୧୭)

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଆଜି ଅଲ୍ଲାଃଙ୍କ କୃପାରୁ କାଦିଆନର ବାର୍ଷିକ ଧର୍ମସମ୍ମିଳନୀ ଆରମ୍ଭ ହୋଇଯାଇଛି । ଅଲ୍ଲାଃଙ୍କ ନିକଟରେ ଦୁଆ କରିବେ ସେଠି ଜଲସାର ତିନି ଦିନ ସୁରୁଖୁରୁରେ ଅତିବାହିତ ହେଉ ଏବଂ ଯେଉଁ ଉଦ୍ଦେଶ୍ୟରେ ଜମାଅତର ଲୋକମାନେ ସେଠାରେ ଏକତ୍ରିତ ହୋଇଛନ୍ତି ତାହା ସେମାନେ ହାସଲ କରନ୍ତୁ । ସେହି ଉଦ୍ଦେଶ୍ୟ କ'ଣ ଏହି କି ଯେ, ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଏବଂ ନିଜ ବ୍ୟବହାରିକ ଜୀବନକୁ ଉନ୍ନତ କରିବା ନିମନ୍ତେ ଚେଷ୍ଟା କରିବା ସହିତ ଉକ୍ତ ଦୁଆକୁ କେବଳ ନିଜ ମଧ୍ୟରେ ସୀମିତ ନରଖି ବରଂ ଜମାଅତର ଉନ୍ନତି ନିମନ୍ତେ ମଧ୍ୟ ବିଶେଷ ଦୁଆ କରିବା । ଜମାଅତର ବିରୋଧିମାନେ ସଂସାରର କୌଣସି କୋଣରେ ଯୋଜନା କରନ୍ତୁ ନା କାହିଁକି ତାହା ପଣ୍ଡ ହେବା ପାଇଁ ଅଲ୍ଲାଃଙ୍କ ବିଶେଷ ସାହାଯ୍ୟ ଓ ସହଯୋଗ ଲାଭ ହେବା ନିମନ୍ତେ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ପ୍ରତ୍ୟେକ ମନ୍ଦ ଅଭିଳାଷାରୁ ଆମକୁ ସୁରକ୍ଷିତ ରଖନ୍ତୁ । ଏହିପରି ମୁସଲମାନମାନଙ୍କ ଅବସ୍ଥା ଓ ଅଲ୍ଲାଃଙ୍କ ରସୁଲ ନାମରେ କେତେକ ଗୋଷ୍ଠୀ ଯେଉଁ (ଅନୁଚିତ୍) ହରକତ୍ ଓ ଅତ୍ୟାଚାର କରୁଛନ୍ତି । ଜଣେ ମୁସଲମାନ ଆଉ ଜଣେ ମୁସଲମାନର ଯେଭଳି ହତ୍ୟା କରୁଛି ଏବଂ ଅଯଥାରେ ଆଜି ଯେଭଳି ବର୍ବର ହତ୍ୟାକାଣ୍ଡ ହେଉଅଛି ସେଥିପାଇଁ ମଧ୍ୟ ଦୁଆ କରିବା ଆମର କର୍ତବ୍ୟ । କାରଣ ଏସବୁ ଗୋଷ୍ଠୀସମୂହ ଅଲ୍ଲାଃ ଓ ରସୁଲଙ୍କ ନାମରେ ଅତ୍ୟାଚାର କରୁଛନ୍ତି ଏବଂ ଏଥିଯୋଗୁଁ ଅଣମୁସଲମାନମାନେ ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କ ଉପରେ ଆପତି କରୁଛନ୍ତି । ଏଥିଯୋଗୁଁ ଆମ୍ଭମାନଙ୍କ ହୃଦୟକୁ ସବୁଠାରୁ ଅଧିକ ଆଘାତ ଲାଗିଥାଏ । ସୁତରାଂ ଏଥିପାଇଁ ମଧ୍ୟ ଆମମାନଙ୍କୁ ଦୁଆ କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଯେଉଁ ଲକ୍ଷ ନେଇ ଆସିଥିଲେ ସେଥିପାଇଁ ମଧ୍ୟ ଦୁଆ କରିବା ଏବଂ ତାହା ଏହି କି ଯେ, ମୁସଲମାନମାନଙ୍କ ସତ୍‌ପଥ ପ୍ରାପ୍ତି ଓ ଅଣମୁସଲମାନମାନଙ୍କ ଉପରେ ସତ୍ୟତା ଉନ୍ମୋଚନ କରିବା, ସେମାନଙ୍କ ସମ୍ମୁଖରେ ଇସଲାମର ପରାକାଷ୍ଠା ପ୍ରତିପାଦନ କରି ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କ ଧ୍ୱଜା ତଳେ ଆଣି ସେମାନଙ୍କୁ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ କରିବା । ସର୍ବୋପରି ବିଶ୍ୱର (ସଂକଟାପର୍ଣ୍ଣ) ପରିସ୍ଥିତି ନିମନ୍ତେ ମଧ୍ୟ ଦୁଆ କରିବେ କି ଅଲ୍ଲାଃତାଲା ସମଗ୍ର ମାନବଜାତିକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନେ ଧ୍ୱଂସ ମୁଖରୁ ବର୍ତୀଯାନ୍ତୁ । **ଆଜି ସଂସାରକୁ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀମାନଙ୍କ ଦୁଆର ବହୁତ ଆବଶ୍ୟକତା ରହିଛି ।**

ଅଲ୍ଲାଃତାଲା ସଂସାରବାସୀ ଓ ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଏକଥା ହୃଦୟଙ୍ଗମ କରନ୍ତୁ କି ଅଲ୍ଲାଃଙ୍କ ପ୍ରେରିତ ଦୂତର ଅସ୍ୱୀକାର କରି ନା ସେମାନେ ସୁରକ୍ଷିତ ରହିପାରିବେ ନା ମୋକ୍ଷ ପ୍ରାପ୍ତ କରିପାରିବେ । ନୂତନ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ସେମାନେ ଏକଥା ହୃଦୟଙ୍ଗମ କରିନିଅନ୍ତୁ, ଅଲ୍ଲାଃ ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ହଜୁର ଅନଓ୍ୱର ଅ.ବ କହିଲେ ଏଠାରେ ମୁଁ ଦୁଆ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସଙ୍କର କେତେକ ତଥ୍ୟ ଉପସ୍ଥାପନ କରିବି ।

ଦୁଆ ସ୍ୱୀକାର ହେବା ସମ୍ବନ୍ଧରେ ଏକ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ କଥା ହଜରତ ମସିହ ମଉଦ ଆ.ସ ଦର୍ଶାଇ କୁହନ୍ତି- **ଯେପର୍ଯ୍ୟନ୍ତ ହୃଦୟ ପବିତ୍ର ହୋଇନଥାଏ ସେପର୍ଯ୍ୟନ୍ତ ଦୁଆ ସ୍ୱୀକୃତି ପ୍ରାପ୍ତି କରିନଥାଏ ।** ଯଦି କୌଣସି ସାଂସାରିକ ମାମଲାରେ କାହାରି ପ୍ରତି ତୁମ ହୃଦୟରେ ଦ୍ୱେଷଭାବ ଥାଏ ତେବେ ତୁମ ଦୁଆ ସ୍ୱୀକାର ହୋଇପାରିବ ନାହିଁ । ଅତଏବ ସାଂସାରିକ ମାମଲାରେ କଦାପି କାହାରି ପ୍ରତି ତିକ୍ତତା ରଖିବା ଉଚିତ୍ ନୁହେଁ ଏବଂ ସଂସାର ଓ ସାଂସାରିକ ବସ୍ତୁର କ'ଣ ଅସ୍ତିତ୍ୱ ରହିଛି ଯେ, ତୁମେ ସେଥିପାଇଁ କାହାରି ସହ ଶତ୍ରୁତା ପ୍ରଦର୍ଶନ କରିବ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଦୁଆର ସ୍ୱୀକୃତି ଲାଭ ନିମନ୍ତେ ଏହା ଅତ୍ୟନ୍ତ ଜରୁରୀ କି ସମସ୍ତ ପ୍ରକାରର ବ୍ୟକ୍ତିଗତ କଳି ଓ ତିକ୍ତତାକୁ ଭୂଲି ଅଲ୍ଲାଃଙ୍କ ନିକଟରେ ଅତ୍ୟନ୍ତ କାକୁତି ବିନତି (ଅନୁନୟ) ହୋଇ ନିଜ ଅପକର୍ମର କ୍ଷମା ପ୍ରାର୍ଥନା କରିବା ସହିତ ଆସନ୍ତାରେ ହୃଦୟର ପବିତ୍ରତା ନିମନ୍ତେ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିବା । ଆଜି ଯେଉଁ ଅହେମଦିୟତ୍‌ର ବିରୋଧିମାନେ ବିରୁଦ୍ଧାଚରଣରେ ବଢିଚାଲିଛନ୍ତି, ଏପରି ପରିସ୍ଥିତିରେ ଆମ ସମସ୍ତଙ୍କୁ ଏକ ହୋଇ ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଉଚିତ୍ । ଯେତେବେଳେ ଜଣେ ଅଧର୍ଯ୍ୟ ଓ ଅଥୟ ହୋଇ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୁଏ ଏବଂ ତାଙ୍କଠାରୁ ଭିକ୍ଷା କରେ ସେତେବେଳେ ଅଲ୍ଲାଃ ମଧ୍ୟ ତାହାକୁ ସାହାଯ୍ୟ କରିଥାନ୍ତି । ଅତଏବ ଏହି ରହସ୍ୟକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ କଦାପି ଏସବୁ କଥାରେ ଦାୟିତ୍ୱହୀନତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃତାଲା କୌଣସି ଜିନିଷର ଆବଶ୍ୟକତା ଲୋଡ଼ିନଥାନ୍ତି । ଯେପର୍ଯ୍ୟନ୍ତ ବାରମ୍ବାର ଅଧର୍ଯ୍ୟ ଓ ଅଥୟ ହୋଇ ଦୁଆ କରାଯାଇ ନାହିଁ ଅଲ୍ଲାଃ କାହାର ଖାତିର୍ କରିନଥାନ୍ତି । ଦେଖ ଯେତେବେଳେ ଜଣକ ପତ୍ନୀ କୌଣସି ରୋଗବ୍ୟାଧିରେ ଆକ୍ରାନ୍ତ ହୋଇଥାଏ କିମ୍ବା ତାହା ବିରୋଧରେ ବଡ଼ ଧରଣର କୌଣସି ମକଦ୍ଦମା ହୋଇଯାଏ ତେବେ ସେ କିଭଳି ବ୍ୟସ୍ତ ବିବ୍ରତ ହୋଇପଡ଼େ । ଏପରି ସମସ୍ତ ପ୍ରକାରର ଅପ୍ରୀତିକର ପରିସ୍ଥିତିରୁ ମୁକୁଳେଇବାରେ ଅଲ୍ଲାଃ ହିଁ ପୂର୍ଣ୍ଣ ସକ୍ଷମ, ଯେ ଦୁଆ ସ୍ୱୀକାର କରିବା ସହିତ ନିଜ ଭକ୍ତମାନଙ୍କ ସାହାଯ୍ୟ ପାଇଁ (ସର୍ବଦା) ତତ୍ପର ରହିଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ବିଶେଷକରି କାଦିଆନବାସୀଙ୍କୁ ମୁଁ ସମ୍ବୋଧନ କରି କହୁଛି ଯେ, ଆଜି ଆପଣମାନେ ବିଶେଷ ଆଧ୍ୟାତ୍ମିକ ପରିବେଶରେ ହଜରତ ମସିହ ମଉଦ ଆ.ସଙ୍କ ବସ୍ତିରେ ରହୁଛନ୍ତି ଏବଂ ଯେଉଁମାନେ ସେଠାରେ କିଛି ଦିନ ଅତିବାହିତ କରୁଛନ୍ତି ସେମାନେ ମଧ୍ୟ ନିଜ ନମାଜ ଓ ନଓ୍ୱାଫିଲ୍‌ରେ ଏପରି ଅବସ୍ଥା ଉତ୍ପନ୍ନ କରିବାକୁ ଚେଷ୍ଟା କରନ୍ତୁ ଯାହାକି ବ୍ୟସ୍ତବିବ୍ରତର ଅବସ୍ଥା ଅଟେ ଏବଂ ସମଗ୍ର ଜମାଅତ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅଯଥା ଗପସପ ହେବା ପରିବର୍ତେ ଅଧିକ ସମୟ ଦୁଆ ଓ ଅଲ୍ଲାଃଙ୍କ ଗୁଣଗାନ କରିବାରେ ଅତିବାହିତ କରିବା ଉଚିତ୍ । ଅଥୟ ହୋଇ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେଲେ ଯେଉଁଠାରେ ଅହେମଦିମାନଙ୍କ ଅବସ୍ଥା ସଂକଟାପର୍ଣ୍ଣ ରହିଛି ଅଲ୍ଲାଃଙ୍କ କୃପା ଫଳରେ ତାହା ସାମନ୍ୟ ହେବା ସହିତ ଶତ୍ରୁମାନେ ପରାସ୍ତ ଓ ନିନ୍ଦିତ ହେବେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେ ଅଲ୍ଲାଃଙ୍କ ନିକଟରେ କାତରୋକ୍ତି (ବିନୟ) ହୋଇ ପ୍ରାର୍ଥନା କରିଥାଏ ଏବଂ ତାଙ୍କ ଆଦେଶ ଓ ଧାର୍ଯ୍ୟସୀମାକୁ ସମ୍ମାନ ଦୃଷ୍ଟିରେ ଦେଖେ ସେ ନିଶ୍ଚିତ ରୂପେ ଅଲ୍ଲାଃଙ୍କ କୃପାର ଭାଗୀଦାର ହୋଇଥାଏ । ଅତଃ ଆମ ଜମାଅତର

ମାନ୍ୟକାରୀମାନଙ୍କୁ ଆବଶ୍ୟକ କି ତହଜ୍ଜୁଦ୍‌ର ନମାଜକୁ ନିଜ ଉପରେ ଅନିର୍ବାର୍ଯ୍ୟ କରିନିଅନ୍ତୁ । ଅଧିକ ପଢିନପାରିଲେ ଅତିକମ୍‌ରେ ଦୁଇ ରେକାତ୍ ପଢିନିଅନ୍ତୁ କାରଣ ସେତେବେଳେ ଦୁଆ କରିବାର (ବିଶେଷ) ସୁଯୋଗ ମିଳିଥାଏ ଏବଂ ସେହି ସମୟର ଦୁଆରେ ବିଶେଷ ପ୍ରଭାବ ରହିଥାଏ କାରଣ ତାହା ପୂର୍ଣ୍ଣ ଦରଦ୍ ଓ ଉତ୍ସାହର ସହିତ ଉତ୍ପନ୍ନ ହୋଇଥାଏ । **ଯେପର୍ଯ୍ୟନ୍ତ ଦୁଆପ୍ରତି ହୃଦୟରୁ ବିଶେଷ ଦରଦ୍ ଓ ଉତ୍ସାହ ଉତ୍ପନ୍ନ ହେବ ନାହିଁ ସେପର୍ଯ୍ୟନ୍ତ କାହାର ଗଭୀର ନିଦ୍ରା କିଭଳି ଭଙ୍ଗ ହେବ** । ସୁତରାଂ (ତହଜ୍ଜୁଦ୍) ସମୟରେ ଉଠିବା ହିଁ ଏକ ପ୍ରକାର ଦରଦ୍ ଉତ୍ପନ୍ନ କରିଦେଇଥାଏ । କିନ୍ତୁ ଯଦି ଉଠିବାରେ ଅଳସୁଆମି ଓ ଅବହେଳା ମନୋଭାବ ରହିଥାଏ ତେବେ କଦାପି ସେହି ଦରଦ୍ ଓ ଉତ୍ସାହ ଉତ୍ପନ୍ନ ହୋଇନଥାଏ କାରଣ ନିଦ ତ ଦୁଃଖକଷ୍ଟକୁ ଦୂର କରିଦେଇଥାଏ କିନ୍ତୁ ଯେତେବେଳେ ଜଣେ ନିଦ ଭଙ୍ଗ କରି (ନମାଜ ପାଠ) ନିମନ୍ତେ ଛିଡ଼ାହୁଏ, ତାହା ଦର୍ଶାଇଥାଏ କି କିଛି ଦରଦ୍ ଓ ଅବଶୋଶ ରହିଯାଇଛି ଯାହାକି ତାହାର (ପ୍ରିୟ) ନିଦଠାରୁ ମଧ୍ୟ ବଳି ଅଟେ ଯାହାକି ତାହାର ନିଦ ଭଙ୍ଗ କରିଦେଇଛି ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯାହାକି ଆମ ଜମାଅତକୁ ପାଳନ କରିବା ଉଚିତ୍ ତାହା ଏହି କି ଯେ, ଅଯଥା ଓ ମନ୍ଦ କଥାବାର୍ତ୍ତାରୁ ନିଜକୁ ନିବୃତ ରହିବା । ମନେରଖ ଜିଭ ଶରୀରର ମୂଖ୍ୟଦ୍ୱାର ଅଟେ ତେଣୁ ଜିଭକୁ ପବିତ୍ର ରଖିବା ଦ୍ୱାରା ବ୍ୟକ୍ତିତ୍ୱ ମଧରେ ଅଲ୍ଲାଃଙ୍କ ପ୍ରବେଶ ହୋଇଥାଏ । ଯେତେବେଳେ ଅଲ୍ଲାଃ ଦ୍ୱାରରେ ପହଂଚିଯାନ୍ତି ସେତେବେଳେ ଭିତରକୁ ପ୍ରବେଶ କରିବା ବା କ'ଣ ଆଶ୍ଚର୍ଯ୍ୟର କଥା । ହଜୁର ଆ.ସ କୁହନ୍ତି ପୁଣି ମନେରଖ ଅଲ୍ଲାଃ ଓ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବାରେ ଜାଣିବୁଝି କଦାପି ହେୟଜ୍ଞାନ କରିବା ଉଚିତ୍ ନୁହେଁ । ଯେ ଏସବୁ କଥା ନିଜ ସମ୍ମୁଖରେ ରଖି ଦୁଆ କରିଥାଏ ଆମେ ବିଶ୍ୱାସ ରଖୁଛୁ ଯେ, ଅଲ୍ଲାଃ ଏପରି ବ୍ୟକ୍ତି ଉପରେ ନିଜ କୃପା ବର୍ଷଣ କରିଥାନ୍ତି ଏବଂ ସେ (ବିପଦରୁ) ରକ୍ଷା ପାଇଯାଇଥାଏ ।

ପୁନଶ୍ଚ ହଜରତ ମସିହ ମଉଦ ଆ.ସ କୁହନ୍ତି– ପାପ ଏକ ବିଷ ଅଟେ ଯାହାକି ମଣିଷକୁ ଧ୍ୱଂସ କରିଦେଇଥାଏ ଏବଂ ଅଲ୍ଲାଃଙ୍କ କୋପକୁ ପ୍ରଜ୍ୱଳିତ କରିଥାଏ । ଅପକର୍ମ ଦ୍ୱାରା କେବଳ ଅଲ୍ଲାଃଙ୍କ ଭୟ ଓ ପ୍ରେମ ଦୂର ହୋଇଥାଏ । ଆପଣ କୁହନ୍ତି ଦୁଆ କରିବାରୁ ନିବୃତ ରୁହ ନାହିଁ, କ୍ଷମା ପ୍ରାର୍ଥନା କରୁଥାଅ । **ସେହି ଦୁଆ ଫଳପ୍ରଦ ହୋଇଥାଏ ଯେତେବେଳେ ହୃଦୟ ଅଲ୍ଲାଃଙ୍କ ନିକଟରେ ତରଳିଯାଏ ଏବଂ ଅଲ୍ଲାଃଙ୍କ ବ୍ୟତୀତ ରକ୍ଷା ପାଇବାର ଅନ୍ୟ କୌଣସି ମାର୍ଗ ଦିଶେ ନାହିଁ । ଯେ ଅଲ୍ଲାଃଙ୍କ ନିକଟକୁ ଅଗ୍ରସର ହୁଏ ଏବଂ ଅଧୈର୍ଯ୍ୟ ହୋଇ ଶାନ୍ତିର ପଥିକ ହୋଇଯାଏ ଶେଷରେ ସେ ହିଁ ରକ୍ଷା ପାଇଥାଏ ।**

ହଜରତ ମସିହ ମଉଦ ଆ.ସ କୁହନ୍ତି– ମଣିଷ ପାଇଁ ଆବଶ୍ୟକ କି କୌଣସି ଅସୁବିଧାର ସମ୍ମୁଖୀନ ନହେଲେ ମଧ୍ୟ ଦୁଆ କରିବାକୁ ହାତଛଡ଼ା କରିବା ଉଚିତ୍ ନୁହେଁ କାରଣ ତାହାକୁ କ'ଣ ଜଣା କି ଅଲ୍ଲାଃଙ୍କର କି ଉଦ୍ଦେଶ୍ୟ ରହିଛି ଏବଂ କାଲି କ'ଣ ଘଟିବ । ସୁତରାଂ ପୂର୍ବରୁ ହିଁ ଦୁଆ କରୁଥାଅ ଯଦ୍ୱାରା ରକ୍ଷା କରାଯିବ । ହଜୁର ଆ.ସ କୁହନ୍ତି ଅନେକ ସମୟରେ ବିପଦ ଓ ଦୁଃଖ ଏପରି ହଠାତ୍ ମାଡ଼ିଆସିଥାଏ କି ମଣିଷ ଦୁଆ କରିବାର ମଧ୍ୟ ସୁଯୋଗ ପାଇନଥାଏ । ଅତଃ ଯଦି ପୂର୍ବରୁ ଦୁଆ ଅବ୍ୟାହତ ରଖିଥିବ ତେବେ ତାହା ଅସମୟରେ କାମରେ ଆସିଥାଏ ।

ପୁଣି ପବିତ୍ର କୋରାନର ଆରମ୍ଭ ହିଁ ଦୁଆରୁ ହୋଇଛି, ଏଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି– ମନେରଖ ଅଲ୍ଲାଃତାଲା ପବିତ୍ର କୋରାନର ଆରମ୍ଭ ଦୁଆରୁ କରିଛନ୍ତି ଏବଂ ଶେଷ ମଧ୍ୟ ଦୁଆରେ କରିଛନ୍ତି ଅର୍ଥାତ ସୁରାଃ ଫାତିହାରେ ଦୁଆ ଓ ସୁରାଃ ନାସ୍‌ରେ ମଧ୍ୟ ଦୁଆ ରହିଛି । ଏହାର ଅର୍ଥ ମଣିଷ ଏଭଳି ଦୁର୍ବଳ ଯେ, ଅଲ୍ଲାଃଙ୍କ କୃପା ବ୍ୟତୀତ ତାହାର ପବିତ୍ର ହେବା ଅସମ୍ଭବ ଏବଂ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ସାହାଯ୍ୟ ଓ ଅନୁକମ୍ପା ପ୍ରାପ୍ତ ହୋଇନଥାଏ ସେ ପୁଣ୍ୟ ଅର୍ଜନ ହିଁ କରିପାରି ନଥାଏ । ଆପଣ କୁହନ୍ତି ହଦିସ୍‌ରେ ବର୍ଣ୍ଣିତ ରହିଛି, ସମସ୍ତେ ମୃତ କିନ୍ତୁ ଯାହାକୁ ଅଲ୍ଲାଃ ଜୀବନ ପ୍ରଦାନ କରନ୍ତି ଏବଂ ସମସ୍ତେ ପଥଭ୍ରଷ୍ଟ କିନ୍ତୁ ଯାହାକୁ ଅଲ୍ଲାଃ ସତ୍‌ପଥ ପ୍ରଦାନ କରନ୍ତି ଏବଂ ସମସ୍ତେ ଅନ୍ଧ କିନ୍ତୁ ଯାହାକୁ ଅଲ୍ଲାଃ ଦୃଷ୍ଟି ଶକ୍ତି ପ୍ରଦାନ କରିଥାନ୍ତି । ତେବେ ଏହା ହିଁ ସତ୍ୟ ଯେ, ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ କୃପା ହାସଲ ହୋଇନଥାଏ ସେପର୍ଯ୍ୟନ୍ତ ସଂସାର ପ୍ରେମର ସିକୁଳି ବେକର ହାର ହୋଇ ଝୁଲିଥାଏ ଏବଂ କେବଳ ସେହିମାନେ ହିଁ ମୁକ୍ତି ଲାଭ କରିଥାନ୍ତି ଯେଉଁମାନଙ୍କ ଉପରେ ଅଲ୍ଲାଃ ନିଜର କୃପା ବର୍ଷଣ କରିଥାନ୍ତି କିନ୍ତୁ ମନେରଖିବା ଉଚିତ୍ ଯେ, ଅଲ୍ଲାଃଙ୍କ କୃପା ମଧ୍ୟ ଦୁଆରୁ ଆରମ୍ଭ ହୋଇଥାଏ । ତେଣୁ ଏଥିପାଇଁ ମଧ୍ୟ ଦୁଆ କରିବାକୁ ହେବ ।

ପୁଣି ଦୁଆ ସ୍ୱୀକାର ହେବା ନିମନ୍ତେ ଆବଶ୍ୟକ କି ମଣିଷ ପ୍ରତ୍ୟେକ ଦିନ ପୁଣ୍ୟକର୍ମରେ ଉନ୍ନତି କରିଚାଲିବା ଉଚିତ୍ । ଅଲ୍ଲାଃଙ୍କ ସାହାଯ୍ୟ ସେହିମାନଙ୍କ ସହିତ ରହିଥାଏ ଯେ ସର୍ବଦା ପୁଣ୍ୟକର୍ମରେ ଆଗକୁ ବଢିଚାଲିଥାନ୍ତି । ଗୋଟିଏ ସ୍ଥାନରେ ଅଟକିଯାଇ ନଥାନ୍ତି ଏବଂ ଶେଷରେ ସେହିମାନେ ହିଁ କୃତକାର୍ଯ୍ୟ ହୋଇଥାନ୍ତି । ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲା ପବିତ୍ର କୋରାନରେ ଏହି ଦୁଆ ଶିକ୍ଷା ଦେଇଛନ୍ତି କି **ଅସ୍‌ଲିହ୍ ଲି ଫିଜୁର୍‌ରିୟତି** ଅର୍ଥାତ ମୋ ସ୍ତ୍ରୀପିଲାଙ୍କର ମଧ୍ୟ ସୁଧାର କରିଦିଅ । ନିଜ ଅବସ୍ଥାରେ ପବିତ୍ର ପରିବର୍ତନ ଓ ନିଜ ପତ୍ନୀ ତଥା ସନ୍ତାନମାନଙ୍କ ପାଇଁ ମଧ୍ୟ ଦୁଆ କରିବା ଉଚିତ୍ କାରଣ ଅଧିକାଂଶ ଅସୁବିଧା ମଣିଷ ଉପରେ ତାହାର ସନ୍ତାନ ଓ ପତ୍ନୀ ଯୋଗୁଁ ଆସିଥାଏ । ତେଣୁ ସେମାନଙ୍କ ସୁଧାର ନିମନ୍ତେ ପୂର୍ଣ୍ଣ ମନଯୋଗ କରିବା ଏବଂ ସେଥିପାଇଁ ଦୁଆ କରିବାକୁ ଅକ୍ଷୁର୍ଣ୍ଣ ରଖିବା ଉଚିତ୍ । ଆପଣ କୁହନ୍ତି ଆମେ ତ ଏହି ଉପଦେଶ ଦେବୁ କି ନିଜକୁ ସର୍ବୋତ୍କୃଷ୍ଟ ଓ (ଅନ୍ୟମାନଙ୍କ ପାଇଁ) ଉଦାହରଣ ପାଲଟିବାକୁ ଚେଷ୍ଟା କର । ଯେପର୍ଯ୍ୟନ୍ତ ଦେବଦୂତଙ୍କ ପରି ହୋଇନଯାଅ ସେପର୍ଯ୍ୟନ୍ତ କିଭଳି କୁହାଯାଇପାରିବ କି ଜଣେ ପବିତ୍ର ଅଟେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଭାଗ୍ୟବାନ ସେହି କଏଦି ଯେ ଦୁଆ କରିଥାଏ ଏବଂ ଥକିପଡ଼ି ନଥାଏ କାରଣ ଦିନେ ସେ ମୁକ୍ତି ଲାଭ କରିବ । ଭାଗ୍ୟବାନ ସେ ଅନ୍ଧ ଯେ ଦୁଆ କରିବାରେ ଅଳସୁଆମି ପ୍ରଦର୍ଶନ କରିନଥାଏ କାରଣ ଦିନେ ସେ ଦୃଷ୍ଟି ଶକ୍ତି ଫେରି ପାଇବ । ଭାଗ୍ୟବାନ ସେହି କବରରେ ପଡ଼ିଥିବା (ଲୋକେ) ଯେ ଦୁଆ କରିବା ସହିତ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିଥାନ୍ତି କାରଣ ଦିନେ ସେମାନେ କବରରୁ ପଦାକୁ ବାହାରି ଆସିବେ ।

ପୁନଃ ହଜୁର ଆ.ସ କୁହନ୍ତି– ଭାଗ୍ୟବାନ ତୁମେ ଯେ ଦୁଆ କରିବାରେ ଥକିପଡ଼ିବା ଓ ଅଳସୁଆମି ପ୍ରଦର୍ଶନ କରିନଥାଅ ଏବଂ ତୁମର ଆତ୍ମା ଦୁଆ କରିବା ନିମନ୍ତେ ତରଳିଯିବା ସହିତ ତୁମ ଆଖି ଅଶ୍ରୁ ଝରାଏ, ତୁମ ହୃଦୟରେ ଏକ ଅଗ୍ନି ଉତ୍ପନ୍ନ ହୋଇଥାଏ ଏବଂ ଏକାନ୍ତର ସ୍ୱାଦ ଲାଭ କରିବା ନିମନ୍ତେ ଅନ୍ଧାର କୋଠରୀ ଓ ଜନଶୂନ୍ୟ ସ୍ଥାନମାନକୁ ନେଇଯାଇଥାଏ । ତୁମକୁ ଅଥୟ, ପାଗଳ ଓ ଅସ୍ତିତ୍ୱ ଶୂନ୍ୟ କରିଦେଇଥାଏ କାରଣ ଶେଷରେ ତୁମ ଉପରେ କୃପା ବର୍ଷଣ ହୋଇଥାଏ । ସେହି ପରମେଶ୍ୱର ଯାହାଙ୍କ ନିକଟକୁ ଆମେ ତୁମକୁ ଡ଼ାକରା ଦେଉଅଛୁ ସେ ଅତ୍ୟନ୍ତ ଦୟାଳୁ, କୃପାଳୁ, ସତ୍ୟବାଦୀ, ବିଶ୍ୱସ୍ତ ଓ ନମ୍ରସ୍ୱଭାବିଙ୍କ ଉପରେ ଦୟା ଆଚରଣକାରୀ ଅଟନ୍ତି । ଅତଃ ତୁମେ ମଧ୍ୟ ବିଶ୍ୱସ୍ତ, ପୂର୍ଣ୍ଣ ସତ୍ୟବାଦୀ ଓ ନିଷ୍ଠାର ସହିତ ଦୁଆ କର ଯଦ୍ୱାରା ସେ ତୁମ ସହ ଦୟା ଆଚରଣ କରିବେ । ସାଂସାରିକ ଐଶ୍ୱର୍ଯ୍ୟ ଓ ଚିତ୍କାରରୁ ଅଲଗା ହୋଇଯାଅ ଏବଂ ପାରସ୍ପରିକ କଳହକୁ ଧର୍ମର ରୂପ ଦିଅନାହିଁ । ଅଲ୍ଲାଃଙ୍କ ଖାତିର୍ ହାରିଯାଅ ଓ ପରାଜୟକୁ ସ୍ୱୀକାର କରିନିଅ ଯଦ୍ୱାରା ତୁମେ ବଡ଼ ବଡ଼ ବିଜୟର ଉତରାଧିକାରୀ ହେବ । ଦୁଆକାରୀଙ୍କୁ ଅଲ୍ଲାଃ ଚମତ୍କାର ଦେଖାଇଥାନ୍ତି ଏବଂ ମାଗୁଥିବା ବ୍ୟକ୍ତିକୁ ଅସରନ୍ତି ପୁରସ୍କାର ପ୍ରଦାନ କରିଥାନ୍ତି । ଦୁଆ ଅଲ୍ଲାଃଙ୍କ ତରଫରୁ ଆସିଥାଏ ଏବଂ ଅଲ୍ଲାଃଙ୍କ ପକ୍ଷକୁ ହିଁ (ଫେରି) ଯାଇଥାଏ । ଦୁଆ କରିବା ଦ୍ୱାରା ଅଲ୍ଲାଃ ଏଭଳି ନିକଟବର୍ତୀ ହୋଇଥାନ୍ତି ଯେପରି ତୁମର ଜୀବନ ତୁମ ସହ ସଲଗ୍ନ ରହିଛି । ଦୁଆକାରୀକୁ ପ୍ରଥମ ପୁରସ୍କାର ଏହା ମିଳିଥାଏ କି ତାହା ଭିତରେ ପବିତ୍ର ପରିବର୍ତନ ପରିଲକ୍ଷିତ ହୋଇଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ– ଅତଃ ଅଲ୍ଲାଃ ଯେଉଁ ଅସ୍ତ୍ର ହଜରତ ମସିହ ମଉଦ ଆ.ସଙ୍କୁ ପ୍ରଦାନ କରିଛନ୍ତି ତାହା ହିଁ ଆପଣଙ୍କ ମାନ୍ୟକାରୀମାନଙ୍କୁ ପ୍ରୟୋଗ କରିବାକୁ ହେବ । ଏହି ଅସ୍ତ୍ର ଆମକୁ **ଇନ୍‌ଶା ଅଲ୍ଲାଃ** ଅସୁବିଧାରୁ ରକ୍ଷା କରିବା ସହିତ ଶତ୍ରୁକୁ ପରାଜିତ ଓ ଅପମାନିତ କରିବ । ସୁତରାଂ ଏଥିପ୍ରତି ପ୍ରତ୍ୟେକ ଅହେମଦିଙ୍କୁ ଧ୍ୟାନ ଦେବା ଆବଶ୍ୟକ । ଶେଷରେ ହଜରତ ମସିହ ମଉଦ ଆ.ସଙ୍କର ଏକ ଦୁଆ ଯାହାକି ଆପଣ (ମୁସଲମାନ) ସମ୍ପ୍ରଦାୟ ନିମନ୍ତେ କରିଛନ୍ତି ଉପସ୍ଥାପନ କରୁଅଛି । ହଜୁର ଆ.ସ କୁହନ୍ତି–

ହେ ମୋର ପ୍ରଭୁ ! ମୋ ସମ୍ପ୍ରଦାୟ ଓ ମୋ ଭାଇମାନଙ୍କ ସମ୍ବନ୍ଧରେ ମୋର ଦୁଆ ଓ କାତରୋକ୍ତି ସ୍ୱୀକାର କର । ତୁମ ଅବତାର ଖାତମୁନ୍ ନବୀଇନ୍ ଓ ପାପୀମାନଙ୍କ ପାଇଁ କ୍ଷମା ପ୍ରାର୍ଥନକାରୀ ଯାହାଙ୍କ ପ୍ରାର୍ଥନା ସ୍ୱୀକାର କରାଯିବ ତାଙ୍କ ମାଧ୍ୟମରେ ଅନୁରୋଧ କରୁଅଛି ହେ ପ୍ରଭୁ ! ଏମାନଙ୍କୁ ଅନ୍ଧାରରୁ ନିଜ ପ୍ରକାଶକୁ କାଢିଆଣ । ହେ ପ୍ରଭୁ ! ସେମାନଙ୍କ ଉପରେ ଦୟା ଆଚରଣ କର ଯେ ମୋତେ ଅଭିଶାପ ଦେଇଛନ୍ତି ଓ ମୋ ହାତ କାଟୁଛନ୍ତି । ଏହି ସମ୍ପ୍ରଦାୟକୁ ରକ୍ଷା କର ଏବଂ ନିଜର ସତ୍‌ଶିକ୍ଷା ଏମାନଙ୍କ ହୃଦୟରେ ଉନ୍ମୋଚନ କରିଦିଅ । ସେମାନଙ୍କ ପାପ ଓ ଅପକର୍ମକୁ ଅଣଦେଖା କର ଓ ତାଙ୍କୁ କ୍ଷମା ଦିଅ । ସେମାନଙ୍କୁ ଶାନ୍ତି ପ୍ରଦାନ କର ଓ ତାଙ୍କର ସୁଧାର କରିଦିଅ ତଥା ସେମାନଙ୍କୁ ପବିତ୍ର କରିଦିଅ, ସେମାନଙ୍କୁ ଏଭଳି ଚକ୍ଷୁ ପ୍ରଦାନ କର ଯଦ୍ୱାରା ସେମାନେ (ସତ୍ୟକୁ) ଦେଖିପାରିବେ, ଏଭଳି କାନ ପ୍ରଦାନ କର ଯେଉଁଥିରେ ସେମାନେ ଶୁଣିପାରିବେ, ଏଭଳି ହୃଦୟ ପ୍ରଦାନ କର ଯେଉଁଥିରେ ସେମାନେ ହୃଦୟଙ୍ଗମ କରିପାରିବେ, ଏଭଳି ପ୍ରକାଶ ପ୍ରଦାନ କର ଯଦ୍ୱାରା ସେମାନେ ବୁଝିପାରିବେ । ଯାହାସବୁ ସେମାନେ କହୁଛନ୍ତି ତାହାକୁ ଭୃକ୍ଷେପ କର ନାହିଁ କାରଣ ସେମାନେ ଏପରି ଗୋଷ୍ଠୀ ଅଟନ୍ତି ଯେ ଜାଣନ୍ତି ନାହିଁ କି ସେମାନେ କ'ଣ କରୁଛନ୍ତି । ହେ ପ୍ରଭୁ ! ହଜରତ ମହମ୍ମଦ ସ.ଆ ଓ ଆପଣଙ୍କ ଉଚ୍ଚ ପଦର ଶଦ୍‌କା ଏବଂ ସେହିମାନଙ୍କ ଶଦ୍‌କା ଯେ ରାତି (ତୁମକୁ ସ୍ମରଣ କରିବାରେ) ଅତିବାହିତ କରିବା ସହିତ ଦିନବେଳା ଯୁଦ୍ଧ କରୁଛନ୍ତି ଏବଂ ସେମାନଙ୍କ ବାହନର ଶଦ୍‌କା ଯେ ରାତିରେ ତିବ୍ର ବେଗରେ ଦୌଡୁଛନ୍ତି ଏବଂ ସେହି ଯାତ୍ରାର ଶଦ୍‌କା ଯାହାକି **ଉମ୍ମୁଲ୍ କୁର୍‌ରା** (ମକ୍କା) ପ୍ରତି କରାଯାଇଥାଏ । ଆମ ଓ ଆମ ଭାଇମାନଙ୍କ ମଧରେ ସନ୍ଧି କରିଦିଅ ଏବଂ ସେମାନଙ୍କ ଆଖି ଖୋଲିଦିଅ ଓ ସେମାନଙ୍କ ହୃଦୟକୁ ଉଜ୍ୱଳ କରିଦିଅ । ସେମାନଙ୍କୁ ସେସବୁ କିଛି ବୁଝାଇଦିଅ ଯାହାକି ତୁମେ ମୋତେ ବୁଝାଇ ଦେଇଛ ଏବଂ ସେମାନଙ୍କୁ ଧର୍ମପରାୟଣତାର ଶିକ୍ଷାଦିଅ, ଯାହାକିଛି ଘଟିଯାଇଛି ତାହାକୁ ଅଣଦେଖା କର ଶେଷରେ ଆମେ ଏହି ଦୁଆ କରୁଅଛୁ କି ତୁମେ ହିଁ ସକଳ ପ୍ରଶଂସାର ଅଧିକାରୀ (ଅଲ୍ଲାଃ) ଯେ ଉଚ୍ଚ ଗଗନର ପାଳନକର୍ତା ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ– ଅଲ୍ଲାଃତାଲା ମୁସଲମାନମାନଙ୍କ ଆଖି ଖୋଲନ୍ତୁ ଏବଂ ସେମାନେ ଅଲ୍ଲାଃଙ୍କ ପ୍ରେରିତ (ଦୂତ)ଙ୍କ ବିରୁଦ୍ଧାଚରଣ କରିବାରୁ ନିବୃତ ରହି ତାଙ୍କର ସାହାଯ୍ୟକାରୀଙ୍କ ମଧରେ ଅନ୍ତର୍ଭୁକ୍ତ ହୁଅନ୍ତୁ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ମଧ୍ୟ ଦୁଆ କରିବାର କର୍ତବ୍ୟ ସମ୍ପାଦନ କରିବାର ଶକ୍ତି ପ୍ରଦାନ କରନ୍ତୁ । ବିଶେଷକରି କାଦିଆନ ଜଲସାରେ ଯୋଗଦେଇଥିବା ଅତିଥିମାନେ ଦୁଆ ପ୍ରତି ବିଶେଷ ମନଯୋଗ କରନ୍ତୁ ଏବଂ ଏହି ଜଲସାରେ ଯୋଗଦେଇ ନିଜ ଭିତରେ ଏକ ଅସାଧାରଣ ପରିବର୍ତନ ଆଣିବାକୁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଯେ ଆମ ବାଲ୍‌ଟିମ୍ୟୁର୍ ସହରରେ ଆପଣଙ୍କର ଏହି ମସ୍‌ଜିଦ୍ ବଇତୁସ୍ ସମଦ୍ ମାଧ୍ୟମରେ ଶାନ୍ତି ଓ ଆଶାର ନୂଆ କୀରଣ ଜନ୍ମ ହେବ ।

Ms. Barbara Baum ସାହିବା ନିଜର ମନୋଭାବ ବ୍ୟକ୍ତି କରି କହିଲେ ମୁଁ ଆପଣଙ୍କ ମସ୍‌ଜିଦ୍‌କୁ ଆସିସାରିଛି । ବହୁତ ସୁନ୍ଦର ଅଟ୍ଟାଳିକାର ଆପଣଙ୍କ ଖଲିଫା ଏ ସହରର ଅଧିବାସୀଙ୍କ ପାଇଁ ଯେଉଁ ବାର୍ତ୍ତା ଦେଇଛନ୍ତି । ତାହା ଅତ୍ୟନ୍ତ ସୁନ୍ଦର ବାର୍ତ୍ତା ଥିଲା । ଖଲିଫା ନିଜର ଅଭିଭାଷଣ ଜରିଆରେ ଇସ୍‌ଲାମ୍ ଓ ମୁସଲମାନଙ୍କ ସମ୍ବନ୍ଧରେ ଯେଉଁ ଭୂଲ ଧାରଣା ସମାଜରେ ପ୍ରଚାର କରାଯାଇଛି । ସେହି ସମସ୍ତ ଭୂଲ ଧାରଣାଗୁଡିକୁ ଅତ୍ୟନ୍ତ ସୁନ୍ଦର ଶୈଳିରେ ଉତର ଦେଇଛନ୍ତି । ଯଦି ଆମେ ତାଙ୍କ ଦ୍ୱାରା ବତାଯାଉଥିବା କଥା ଉପରେ ପରିଚାଳିତ ହେବା ତେବେ ମୁଁ ଏ ବିଶ୍ୱାସ ରଖିଛିଯେ ଏ ପୃଥିବୀ ଏପରି ଏକ ଘର ପରି ହୋଇଯିବ ଯେଉଁଠି ଆମେ ସମସ୍ତେ ସମାନ ହେବା ଓ ଏକ ହୋଇଯିବା ।

Rabbi Andrew Busch ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯମାତ୍ ଅହେମଦୀୟାର ଖଲିଫାଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ସୁନ୍ଦର ଓ ପ୍ରଭାବଶାଳୀ ଯାହା ତତ୍‌କ୍ଷଣାତ ହୃଦୟକୁ ପ୍ରଭାବିତ କରିଥାଏ । ଖଲିଫାଙ୍କ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଲଗାତାର ପ୍ରଚେଷ୍ଟା ରହିଛି । ମୁଁ ଏହାକୁ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରସଂସା କରୁଛି ।

**୨୧ ଅକ୍ଟୋବର ୨୦୧୮ (ରବିବାର)**
**(ୱାଶିଂଟନ୍‌ରୁ ଯାତ୍ରା କରି ହୋଷ୍ଟନ୍‌ଠାରେ ପଦାର୍ପଣ)**

ହଜୁର ଅନ୍‌ୱର ଅ.ବ.ଅ ପ୍ରତ୍ୟୁଷ ୬.୧୫ରେ ମସ୍‌ଜିଦ୍ ବଇତୁର ରହମାନ୍‌ରେ ପଦାର୍ପଣ କରି ଫଜର ନମାଜ ପଢାଇଥିଲେ । ନମାଜ ପାଠ ପରେ ହଜୁର ଅନୱର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର ଅନୱର ଦଫ୍‌ତରୀ ଡାକ, ଚିଠିପତ୍ର ଓ ରିପୋର୍ଟସ ଇତ୍ୟାଦି ତଦାରଖ କରିଲେ ଓ ସେ ସବୁରେ ହିଦାୟତ୍ ପ୍ରଦାନ କଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ ୱାଶିଂଟନ୍‌ରୁ ହୋଷ୍ଟାନ୍ ଯାତ୍ରା କରିବାର ଥିଲା । ଠିକ ୧୨.୦୦ଟା ସମୟରେ ହଜୁର ଅନୱର ନିଜ ଆବାସସ୍ଥଳୀରୁ ବାହାରିଲେ ଏ ଅବସରରେ ଯମାତର ସଦସ୍ୟମାନେ ମହିଳା ଓ ପୁରୁଷ ହଜୁର ଅନୱରଙ୍କୁ ବିଦା କରିବା ପାଇଁ ଉପସ୍ଥିତ ଥିଲେ । ହଜୁର ଅନୱର ନିଜର ହାତ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ ଦୁଆ କରାଇଲେ । ପୁଣି କାଫିଲା ୱାଶିଂଟନ୍‌ର Dallas Airport ନିମନ୍ତେ ଯାତ୍ରା ଆରମ୍ଭ କଲା ।

ଠିକ୍ ୧୨.୪୫ ମିନିଟ୍‌ରେ ହଜୁର ଅନଓର ଅ.ବ.ଅଙ୍କ Airport ରେ ଆଗମନ ହେଲା । United Airline ର ବରିଷ୍ଠ ଅଧିକାରୀ ହଜୁର ଅନୱର ଅ.ବ.ଅକୁ ସ୍ୱାଗତ କଲେ ତା ପରେ ହଜୁର ଅନୱର ଅ.ବ.ଅ ଲାଞ୍ଜ ଭିତରେ ପ୍ରବେଶ କଲେ । ଠିକ୍ ଦିନ ୨.୦୦ ଟା ସମୟରେ ଜାହାଜରେ ବୋର୍ଡିଂ କଲେ । ଠିକ୍ ୨.୩୫ରେ United Airline ର ଜାହାଜ UA 484 ୱାଶିଂଟନ୍‌ର Dullas Airport ରୁ ହୋଷ୍ଟନ୍‌ର ଜର୍ଜ ବୁଶ୍ ଇଂଟରନ୍ୟାଶ୍‌ନାଲ Airport ନିମନ୍ତେ ଯାତ୍ରା ଆରମ୍ଭ ହେଲା ଅର୍ଥାତ ଉଡାଣ ହେଲା । ଜାହାଜଟିର ଉଡାଣ ହେବାର କିଛି ସମୟ ପରେ ପାଇଲଟ କ୍ୟାବିନରୁ ଏ ଘୋଷଣା କରାଗଲା ଯେ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଆମ ଜାହାଜରେ ଯାତ୍ରା କରୁଛନ୍ତି । ଆମେ ତାଙ୍କୁ ସ୍ୱାଗତ ଜଣାଉଛୁ । ପାଇଲଟ୍ ସାହେବ ହଜୁର ଅନୱରଙ୍କ ପରିଚୟ ପ୍ରଦାନ କରି କହିଲେ କି ହଜୁର ଶାନ୍ତି ପାଇଁ ଆନ୍ତର୍ଜାତିକ ରାଜଦୂତ ଅଟନ୍ତି (World Ambassador of Peace) । ପୃଥିବୀରେ ଧର୍ମୀୟ ସ୍ୱାଧିନତା, ଭାଇଚାରା, ଧର୍ମସଂହିଶୃତା ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଅହରହ ଚେଷ୍ଟିତ ।

ଉଣା ଅଧିକେ ତିନି ଘ. ପନ୍ଦର ମି. ଯାତ୍ରା କରିବା ପରେ ହୋଷ୍ଟନ୍‌ର ସ୍ଥାନୀୟ ସମୟ ମୁତାବକ ଦିନ ୪.୫୦ ମିନିଟ୍‌ରେ ଜାହାଜ ହୋଷ୍ଟନ୍ Airport ରେ ଅବତରଣ କଲା । ହୋଷ୍ଟନର ସମୟ ୱାଶିଂଟନ ସମୟଠାରୁ ଏକ ଘ. ପଛୁଆ । ଜାହାଜର ଦରଜା ନିକଟରେ ମୋକରମ୍ ଡାଃ ନସିମ୍ ରହମତୁଲ୍ଲାଃ ସାହେବ ନାଏବ୍ ଅମୀର U.S.A ଏବଂ ମୋକରମ୍ ଡାଃ ଅତାଉର୍ ରବ୍ ସାହେବ ସେକ୍ରେଟାରୀ ଉମୁରେ ଖାରିଜାଃ ହୋଷ୍ଟନ୍ ସହରର ମେୟରଙ୍କ ପ୍ରତିନିଧି ମଧ୍ୟ ହଜୁର୍ ଅନୱର ଅ.ବ.ଅକୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ । ହୋଷ୍ଟନ୍ ସହରର ମେୟର୍‌ଙ୍କ ପ୍ରତିନିଧି ମଧ୍ୟ ହଜୁର୍ ଅନୱରଙ୍କୁ ସ୍ୱାଗତ କରିବା ପାଇଁ ସେଠାରେ ଉପସ୍ଥିତ ଥିଲେ ।

ଅତଃପର ଗୋଟିଏ ସ୍ୱତନ୍ତ୍ର ପ୍ରୋଟୋକଲ ଅନ୍ତର୍ଗତ ହଜୁର୍ ଅନ୍‌ୱର ଅ.ବ.ଅ Airportରୁ ବାହାରକୁ ଆସିଲେ । ୦୫.୧୫ ମିନିଟ୍‌ରେ ଯମାତର କେନ୍ଦ୍ର ମସ୍‌ଜିଦ୍ ବଇତୁସ୍ ସମିଇ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଯାତ୍ରା ସମୟରେ ପୋଲିସ୍‌ର ଛଅମେ ମୋଟର ସାଇକେଲ ଚାଳକ କାଫିଲାକୁ କରୁଥିଲେ ଓ କାଫିଲାର ଆଗରେ ଯାଇ ମୋଟରୱେ (Motorway) କୁ କ୍ଲିୟର୍ କରିବା ସହିତ ମୋଟରୱେକୁ କ୍ଲିୟର କରିବା ସହିତ ମୋଟରୱେ ଆଡକୁ ଆସୁଥିବା ସମସ୍ତମାର୍ଗକୁ ମଧ୍ୟ ଅସ୍ଥାୟିରୂପେ ବନ୍ଦ କରିଦେଇଥିଲେ । ଉଣାଅଧିକେ ପିଚିଶ ମିନିଟ ଯାତ୍ରା କରିବା ପରେ ୫.୪୦ ରେ ହଜୁର ଅନୱର ଅ.ବ.ଅଙ୍କ ଆଗମନ ମସ୍‌ଜିଦ୍ ଦଇତୁସ୍ ହୋଷ୍ଟନ୍‌ରେ ହେଲା ।

ହଜୁର ଅନୱର ଅ.ବ.ଅଙ୍କୁ ସ୍ୱାଗତ କରିବା ପାଇଁ ହୋଷ୍ଟନ୍‌ର ସ୍ଥାନୀୟ ଯମାତ୍‌ର ସଦସ୍ୟମାନଙ୍କ ବ୍ୟତିତ ଅନ୍ୟ ଯମାତ ଗୁଡିକରୁ ଯେପରି ଆଷ୍ଟନ, ଟେନିସ୍ ବାଲ୍‌ଟିମ୍ୟୁର, ବେପୋଏଂଟ୍, ବୋଷ୍ଟନ୍, ଡଲାସ୍, ଚିକାଗୋ, ଜର୍ଜିଆ, ଫୋର୍ଥୱରଥ, ଲସ୍ ଏଞ୍ଜେଲସ୍, କଂଟୋକି, ମିଆମି, ଲୋରିଏଲ୍ ଏବଂ ସିଲଭର୍ ସ୍ପ୍ରିଙ୍ଗ୍ ଯମାତ୍‌ରୁ ମଧ୍ୟ ଯମାତର ପୁରୁଷ ଓ ମହିଳାମାନେ ବହୁତ ଲମ୍ବା ଯାତ୍ରା କରି ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ କରିବା ପାଇଁ ଏଠାରେ ପହଂଚିଥିଲେ ।

ଟେନିସିରୁ ଆସିଥିବା ଯମାତ୍ ୮୩୦ ମାଇଲର ଯାତ୍ରାକୁ ୧୨ ଘ. ସମୟ ଲଗାଇ ଏଠାରେ ପହଂଚିଥିଲେ । ଜର୍ଜିଆ ରାଜ୍ୟରୁ ଆସିଥିବା ସଦସ୍ୟମାନେ ୮୫୦ ମାଇଲ୍ ଯାତ୍ରାକୁ ୧୩ ଘ.ରେ ଅତିକ୍ରମ କରି ଓ କଂଟୋକି ଯମାତ୍‌ରୁ ଆସିଥିବା ସଦସ୍ୟମାନେ ୧୦୫୦ ମାଇଲ୍ ରାସ୍ତାକୁ କାର୍ ଜରିଆରେ ୧୬ଘ. ଲଗାଇ ଏଠାରେ ପହଂଚିଥିଲେ । ବାଲଟିମ୍ୟାରରୁ ଜାହାଜ ଜରିଆରେ ଆସିଥିବା ସଦସ୍ୟଗଣ ୩.୩୦ (ସାଢେ ତିନି ଘ.), ବେ ପୋଏଂଟ୍ ଓ ବୋଷ୍ଟନରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ଜାହାଜ ମାଧ୍ୟମରେ ତିନି ଘ. ଯାତ୍ରାକରି ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ହୋଷ୍ଟନ୍ ପହଂଚିଥିଲେ । ଏତତ୍‌ବ୍ୟତୀତ କାନାଡା ଓ ଜର୍ମାନୀରୁ ମଧ୍ୟ କିଛି ସଦସ୍ୟ ବହୁତ ଲମ୍ବା ଯାତ୍ରା କରି ହୋଷ୍ଟନ୍ ପହଂଚିଥିଲେ । ନିଜ ଆକାଙ୍କୁ ସ୍ୱାଗତ କରିବାକୁ ଆସି ଏଠାରେ ପହଂଚିଥିବା ସଦସ୍ୟମାନଙ୍କର ସଂଖ୍ୟା ସାତ ସହରୁ ଅଧିକା ଥିଲା ।

ଯେଉଁ କ୍ଷଣି ହଜୁର୍‌ଙ୍କ ଗାଡି ମସ୍‌ଜିଦ୍ ଦଇତୁସ୍ ସମିଇର ବାହ୍ୟ ଗେଟ୍ ଭିତରେ ପ୍ରବେଶ କଲା ସେଠାରେ ଉପସ୍ଥିତ ଥିବା ସମସ୍ତ ପୁରୁଷ ଓ ମହିଳା ସଦସ୍ୟମାନେ ବହୁତ ଉତ୍ସାହିତ ହୋଇ ସୁନ୍ଦର ଶୈଳୀରେ ସ୍ଲୋଗାନ ଲଗାଇଲେ । ଛୋଟ ଛୋଟ ଝିଅମାନେ ସ୍ୱାଗତମୂଳକ କବିତା ପାଠ କରୁଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ହାତକୁ ଉପରକୁ ଉଠାଇ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତଂ ଜଣାଇଥିଲେ । ବହୁତ ଖୁସିର ପରିବେଶ ଥିଲା । ଏହି ଯମାତ୍ ପାଇଁ ଏହା ବହୁତ ହିଁ ମୁବାରକ୍ ଓ ବାବାରକତ୍ ଦିନ ଥିଲା । ହଜୁର ଅନୱରଙ୍କ ବାବର୍କତ୍ ପାଦ ହୋଷ୍ଟନ୍‌ର ଭୂମି ଉପରେ ପ୍ରଥମ ଥର ପାଇଁ ପଡୁଥିଲା । ପ୍ରତ୍ୟେକ ବ୍ୟକ୍ତି ଆନନ୍ଦିତ ଥିଲା । ହଜୁର ଅନୱର ନିଜର ହାତ ଉପରକୁ ଉଠାଇ ହାତ ହଲାଇ ସ୍ଲୋଗାନ୍‌ର ଉତର ଦେଉଥିଲେ ଓ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର୍ ଅନ୍‌ୱର ଠିକ୍ ଛଅଟା ବେଳେ ମସଜିଦ୍ ବଇତୁସ୍ ସମିଇ ଠାରେ ପଦାର୍ପଣ କରି ନମାଜ୍ ଜୋହର ଓ ନମାଜ୍ ଅସର ଏକାଠି ପଢାଇଲେ । ନମାଜ ପାଠ ପରେ ହଜୁର ନିଜ ଆବସସ୍ଥଳୀକୁ ଚାଲିଗଲେ ।

ଯମାତ୍ ଅହେମଦୀୟା ହୋଷ୍ଟନ୍‌ର ଏହି କମ୍ପଲେକ୍ସର ସମ୍ପୂର୍ଣ୍ଣ କ୍ଷେତ୍ରଫଳ ହେଉଛି ୫ ଏକର । ଏଥିରେ ମସ୍‌ଜିଦ୍ ଦଇତୁସ୍ ସମିଇ ରହିଛି । ୧୯୯୬ ମସିହାରେ ଏହି ଜମି ଖଣ୍ଡକ ଏଠିକାର ଜଣେ ନିଷ୍ଠାଦାନ ବନ୍ଧୁ ମୋକରମ୍ ମୁହମ୍ମଦ ୟୁନୁସ୍ କୁରୈଶି ସାହେବ୍ ଅଢେଇ ଲକ୍ଷ ଆମେରୀକୀୟ ଡଲାରରେ କିଣି ଯମାତକୁ ପ୍ରଦାନ କରିଥିଲେ ।

୩୦ ଜୁନ୍ ୧୯୯୮ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହା ଭାବେ ରହେମୁଲ୍ଲାଃ ତାଲା ନିଜ ଗସ୍ତ ସମୟ ଏହି ମସ୍‌ଜିଦ୍‌ର ମୁଲୁଦୁଆ ରଖିଥିଲେ ।

ଏହି କମ୍ପଲେକ୍ସର ପ୍ରଥମ ରେ ୨୦୦୧ ମସିହାରେ ୫ ଲକ୍ଷ ଡଲାର ଖର୍ଚ୍ଚ କରାଯାଇ ଦୁଇଟି Hall ଓ ଗୋଟିଏ ମୁରବୀ ହାଉସ୍ ନିର୍ମାଣ କରାଗଲା । ଏହି ଦୁଇଟି ହଲ୍ ଭିତରେ ନମାଜ ପାଠ କରାଯାଉଥିଲା ।

ପୁଣି ୨୦୦୩ ମସିହାରେ ମୁହମ୍ମଦ ୟୁନୁସ୍ କୁରୈଶି ସାହେବ୍ ଏକ ମିଲିୟନ୍ ଡଲାର୍ ଖର୍ଚ୍ଚ କରି ମସ୍‌ଜିଦ୍ ଦଇତୁସ୍ ସମିଇ ନିର୍ମାଣ କରାଇଲେ ଓ ଏହି ମସ୍‌ଜିଦ୍‌କୁ ଯମାତକୁ ପ୍ରଦାନ କଲେ । ମସ୍‌ଜିଦ୍‌ର Hall ଭିତରେ ସାଢେ ପାଂଚ ଶହ ଲୋକ ନମାଜ ପାଠ କରିପାରିବେ । ଏବେ ପ୍ରଥମରୁ ନିର୍ମାଣ ହୋଇସାରିଥିବା Hall ଟି ଜିୟାଫତ୍ ବିଭାଗ ଅନ୍ତର୍ଗତ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ବ୍ୟବହାର ହେଉଅଛି । ସେଥିରେ କିଛି କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯାଇଛି ।

୨୦୧୩ ମସିହାରେ ତିନିଲକ୍ଷ ଡଲାର ଖର୍ଚ୍ଚ କରାଯାଏ । ଗୋଟିଏ ଗେଷ୍ଟ ହାଉସ୍ ଓ ଗୋଟିଏ ଲଙ୍ଗରଖାନା (ଅତିଥି ଭବନ) ନିର୍ମାଣ କରାଯାଇଛି ।

ମସ୍‌ଜିଦ୍‌ରେ ୮୦ଟି ଗାଡି ପାର୍କ କରିବା ପାଇଁ ଏକ ପକ୍କା ପ୍ରାଙ୍ଗଣ ନିର୍ମାଣ ହୋଇଛି । ଏତଦ୍‌ବ୍ୟତୀତ ଆଉ ୧୬୦ଟି ପାର୍କିଂ ନିମନ୍ତେ ସ୍ଥାନ ମଧ୍ୟ ରଖାଯାଇଛି ।

ହଜୁର ଅନୱରଙ୍କ ଏହି ଗସ୍ତ ସମୟରେ ଏଠାରେ ବ୍ୟାପକ ରୂପେ ବ୍ୟବସ୍ଥା କରାଯାଇଛି । ମସ୍‌ଜିଦ୍ ସହିତ ସଲଗ୍ନ ଗୋଟିଏ ସାମିୟାନା ପୁରୁଷମାନଙ୍କ Overflow ଯୋଗୁଁ ଲଗାଯାଇଛି । ଯେଉଁଥିରେ ଆହୁରି ୨୫୦ ଜଣ ଲୋକ ନମାଜ ପାଠ କରିପାରିବେ ।

ଅତିଥିଶାଳା କୋଠରୀଟି ମହିଳାଙ୍କ ନମାଜ ପାଠ ନିମନ୍ତେ ବ୍ୟବହାର ହେଉଅଛି । ଯେଉଁଠି ୨୮୦ ସଦସ୍ୟଙ୍କ ନିମନ୍ତେ ନମାଜ ପାଠ କରିବା ପାଇଁ ସ୍ଥାନ ରହିଛି । ଏତତ୍ ବ୍ୟତିତ ମହିଳାମାନଙ୍କ ନିମନ୍ତେ ଏକ ସାମିୟାନା ଲଗାଯାଇଛି । ଯେଉଁଥିରେ ୨୦୦ ମହିଳା ନମାଜ ପଢିବା ନିମନ୍ତେ ସ୍ଥାନ ରହିଛି ।

ପୁରୁଷ ଓ ମହିଳାମାନଙ୍କୁ ଖାଦ୍ୟ ଖୁଆଇବା ନିମନ୍ତେ ଦୁଇଟି ସାମିୟାନା ଅଲଗା ଅଲଗା ଲଗାଯାଇଛି ସେଥିରେ ଛଅଶହ ଲୋକ ଖାଦ୍ୟ ଖାଇପାରିବେ । ଏତତ୍‌ବ୍ୟତିତ ଗୋଟିଏ ସାମିୟାନା ରେଜିଷ୍ଟ୍ରେଶନ୍ ବିଭାଗ ପାଇଁ ଓ ସିକ୍ୟୁରିଟି ଚେକ୍‌ଅପ କରିବା ନିମନ୍ତେ ରହିଛି । ଯାହାର ଏକ ଅଂଶ ପୁରୁଷମାନଙ୍କ ନିକଟରେ ଓ ଆଉଗୋଟିଏ ଅଂଶ ମହିଳାମାନଙ୍କ ନିକଟରେ ଅଛି । ଆଉ ଗୋଟିଏ ସାମିୟାନା ଫଷ୍ଟେଡ୍ ନିମନ୍ତେ ରଖାଯାଇଛି ।

ମସ୍‌ଜିଦ୍‌ର ଭିତର ପ୍ରାଙ୍ଗଣରେ ପାର୍କିଂ କେବଳ ସହିତ ସିମୀତ ରୂପେ ରଖାଯାଇଛି । ମସ୍‌ଜିଦ୍ର ଜମି ସହିତ ଗୋଟିଏ ଚର୍ଚ୍ଚ (Church) କୋଠା ଅଛି ଯାହାର ପାର୍କିଂକୁ ବ୍ୟବହାର କରିବା ପାଇଁ ଯମାତକୁ ଅନୁମତି ଦିଆଯାଇଅଛି । ଉଣା ଅଧିକେ ତିରିଶିଟି ଗାଡି ସେଠାରେ ପାର୍କ ହୋଇଯାଏ ।

ହୋଷ୍ଟନ୍ ସହରର ମେଟ୍ରୋ ତରଫରୁ ତାଙ୍କ ପାର୍କିଂ ଲାଟ୍‌ରେ ଯମାତକୁ ବ୍ୟବହାର କରିବା ପାଇଁ ଚାରିଶହ ପାର୍କିଂ ସ୍ଲଟ୍ City ତରଫରୁ ଯୋଗାଇ ଦିଆଯାଇଛି । ଯାହା ଆମ ମସ୍‌ଯିଦଠାରୁ କେବଳ ୧୦ ମିନିଟ୍ ଦୂରତାରେ ଅବସ୍ଥିତ ସେଠାରୁ ଶଟଲ୍ ସରଭିସ୍ ଜରିଆରେ ଖୁଦାମ୍‌ପିଲାମାନେ ଯମାତ୍‌ର ସଦସ୍ୟମାନଙ୍କୁ ମସ୍‌ଜିଦ୍ ନେଇଆସନ୍ତି । ମସ୍‌ଜିଦ୍‌କୁ, ତା ମିନାରକୁ ଓ ତା ଗୁମ୍ବଦଗୁଡ଼ିକୁ ଏହା ସହିତ ପୁରା କମ୍ପଲେକ୍ସକୁ ବହୁତ ସୁନ୍ଦର ରଙ୍ଗରେ ଓ ଆଲୋକରେ ସଜାଇ ଦିଆଯାଇଥିଲା ।

ଗଛପତ୍ର, ଛୋଟ ଛୋଟ ଚାରାଗଛ ଏବଂ ବିଭିନ୍ନ ବାଡ ଇତ୍ୟାଦିରେ ଏପରି ରଙ୍ଗ ବେରଙ୍ଗ ଆଲୋକରେ ସଜାଇ ଦିଆଯାଇଥିଲା ଯେ ରାତି ସମୟରେ ଏହାର ଦୃଶ୍ୟ ବହୁତ ସୁନ୍ଦର ଦେଖାଯାଉଥିଲା । ଏହି କମ୍ପଲେକ୍ସରେ ଖଜୁରୀ ଗଛ ମଧ୍ୟ ରହିଛି । ଖଜୁରୀ ଗଛର ମୂଳରୁ ଡାଳ ପର୍ଯ୍ୟନ୍ତ ଚକମକ୍ କରୁଥିବା ରଙ୍ଗିନ ଆଲୋକରେ ଏପରି ସଜାଇ ଦିଆଯାଇଥିଲା ଯେପରି ତାହା ସବୁ ଗୋଟିଏ ଗୋଟିଏ ଉଚ୍ଚ ଆଲୋକିତ ଖମ୍ବ ଥିଲା । ସୁତରାଂ ସମ୍ପୂର୍ଣ୍ଣ ଇଲାକାଟି ଓ ସମ୍ପୂର୍ଣ୍ଣ ପରିବେଶଟି ରାତିତମାମ୍ ଅତି ସୁନ୍ଦର ଓ ମନମୁଗ୍ଧକାରୀ ଦୃଶ୍ୟ ପେଶ୍ କରୁଥିଲା ।

ପୋଗ୍ରାମ ମୁତାବକ ୮.୫୦ ମିନିଟ୍ରେ ହଜୁର୍ ଅନଓ୍ୱର ଅ.ବ.ଅ ଯେବେ ନମାଜ ପଢାଇବା ନିମନ୍ତେ ଅର୍ଥାତ ନମାଜ୍ ମଗ୍‌ରିବ ଏବଂ ଇଶା ପାଠ କରାଇବା ନିମନ୍ତେ ପହଂଚିଲେ, ସେତେବେଳେ ମସ୍‌ଜିଦ୍ ବାହାରେ ନିମ୍ନଲିଖିତ ସଦସ୍ୟଗଣ ହଜୁରଙ୍କ ସହିତ ସାକ୍ଷାତ କରିବା ପାଇଁ ଛିଡାହୋଇଥିଲେ ।

1. Captain David Escabor with Precint 4 Constbale Office.
2. Nasir Abbasi Deputy Sheriff Hariss County.
3. Samantha Huges Deputy Sheriff Hariss County.

ଏହି ସମସ୍ତ ଲୋକେ ହଜୁର୍ ଅନଓ୍ୱରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ହଜୁର ଅନଓ୍ୱର ମସ୍‌ଜିଦ୍‌ରେ ପଦାର୍ପଣ କରି ମଗ୍‌ରିବ ନମାଜ ଓ ଇଶା ନମାଜ ଯମା କରି ପଢାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ.ବ.ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ହଜୁର ଅନଓ୍ୱରଙ୍କ ରହିବାସ୍ଥଳୀ ସେହି କମ୍ପଲେକ୍ସର ଗୋଟିଏ ଅଂଶରେ ଥିଲା ।

**୨୨ ଅକ୍ଟୋବର ୨୦୧୮**

**(ସୋମବାର)**

**ହୋଷ୍ଟନରୁ ଯାତ୍ରା ଆରମ୍ଭ କରି ଗୋଟେମାଲାରେ ପଦାର୍ପଣ**

ହଜୁର ଅନଓ୍ୱର ଅ.ବ.ଅ ଭୋର ୬.୩୦ରେ ମସଜିଦ୍ ବଇତୁସ୍ ସମିଇଠାରେ ପହଂଚି ଫଜର ନମାଜ ପଢାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ ହୋଷ୍ଟନ୍‌ରୁ ମଧ୍ୟ ଆମେରୀକାର ଦେଶ ଗୋଟେମୋଲା ନିମନ୍ତେ ଯାତ୍ରା କରିବାର ଥିଲା । ହଜୁର ଅନଓ୍ୱରଙ୍କ ଏହି ଯାତ୍ରା କୌଣସି ମଧ୍ୟ ଆମେରିକୀୟ ଦେଶ ନିମନ୍ତେ ଏହା ପ୍ରଥମ ଯାତ୍ରା ଥିଲା ।

ଠିକ୍ ୭.୪୦ ମିନିଟ୍‌ରେ ହଜୁର ଅନଓ୍ୱର ଅ.ବ.ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ହଜୁର ଅନଓ୍ୱରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ପୁରୁଷ ଓ ମହିଳାମାନେ ମସ୍‌ଜିଦ୍ ର ବାହ୍ୟ ପ୍ରାଙ୍ଗଣରେ ଏକତ୍ରୀତ ହୋଇଥିଲେ । ହଜୁର ଅନଓ୍ୱର ଅ.ବ.ଅ ଦୁଆ କରାଇଲେ ତା ପରେ କାଫିଲା ହୋଷ୍ଟନ୍ Airport ନିମନ୍ତେ ଗସ୍ତ କଲା ।

ହଜୁର ଅନଓ୍ୱରଙ୍କ ଆଗମନ ପୂର୍ବରୁ ସମସ୍ତ ସମାନ ବୁକିଂ ଓ ବୋଡିଂ କାର୍ଡ ହାସିଲ୍ କରିବାର କାରବାଇ ସମ୍ପୂର୍ଣ୍ଣ ହୋଇସାରିଥିଲା । ୮.୧୫ ରେ ହଜୁକ ଅନଓ୍ୱର ଅ.ବ.ଅ Airport ଠାରେ ପଦାର୍ପଣ କଲେ । Airport ଠାରେ United Airline ର ବରିଷ୍ଠ ଅଧିକାରୀ ହଜୁର ଅନଓ୍ୱରଙ୍କୁ ସ୍ୱାଗତ ଜଣାଇଲେ । ହଜୁର ଅନଓ୍ୱର ଅ.ବ.ଅ ଗୋଟିଏ ପ୍ରୋଟୋକଲ୍ ଅନ୍ତର୍ଗତ ଇମିଗ୍ରେସନ୍ କାରବାଇ ପରେ ସ୍ପେଶାଲ ଲଜ୍‌କୁ ଚାଲିଗଲେ ।

ଠିକ୍ ୯.୪୫ ରେ ହଜୁର ଅନଓ୍ୱର ଅ.ବ.ଅ ଜାହାଜରେ ଆରୋହଣ କଲେ । United Airline ର ଜାହାଜ UA1751 ଠିକ୍ ୧୦.୪୦ରେ ହୋଷ୍ଟନ୍‌ରୁ ଗୋଟେମୋଲାର Guatemala City Airport ନିମନ୍ତେ ଯାତ୍ରା ଆରମ୍ଭ କଲା ।

ଜାହାଜ ଉଡାଣ ନେବା ପରେ ପାଇଲଟ୍ କ୍ୟାବିନ୍‌ରୁ ଏଲାନ୍ ଅର୍ଥାତ୍ ଏ ଘୋଷଣା କରାଗଲା ଯେ ଆମ ଜାହାଜରେ ମିର୍ଜା ମସ୍‌ରୁର୍ ଅହେମଦ୍ ଯାତ୍ରା କରୁଛନ୍ତି । ସେ ଆମେରୀକା ଗସ୍ତରେ ଅଛନ୍ତି । ଆମେ ହଜୁରଙ୍କୁ ସ୍ୱାଗତ ଜଣାଉଛୁ । ହଜୁର ଅନଓ୍ୱର ଆମେରୀକାରେ ସିନେଜରସ ଓ କଂଗ୍ରେସ ମେନ୍ ସହିତ ଗୋଟେମୋଲା ମଧ୍ୟ ଯାତ୍ରା କରୁଛନ୍ତି ।

ପାଖାପାଖି ଅଢେଇଘଂଟା ଯାତ୍ରା କରିବା ପରେ ଗୋଟେମୋଲାର ସ୍ଥାନୀୟ ସମୟ ମୁତାବକ ୧୨.୧୦ରେ ଜାହାଜଟି ଗୋଟେମୋଲା ସିଟି ଏୟାର୍‌ପୋର୍ଟରେ ଅବତରଣ କଲା । ଗୋଟେମୋଲାର ସମୟ ହୋଷ୍ଟନ୍(ଆମେରୀକା)ର ସମୟଠାରୁ ଏକ ଘ. ପଛୁଆ ।

ହଜୁର ଅନଓ୍ୱର ଅ.ବ.ଅ ଜାହାଜରୁ ବାହାରକୁ ବାହାରିବା ସମୟରେ ମୋକରମ୍ କ୍ୟାପ୍‌ଟେନ୍ ମାଜିଦ୍ ଅହମଦ୍ ଖାଁ ସାହେବ ହଜୁର ଅନଓ୍ୱରଙ୍କୁ ସ୍ୱାଗତ ଜଣାଇଲେ । ତାଙ୍କ ତତ୍ୱାବଧାନରେ ହ୍ୟୁମାନିଟି ଫାଷ୍ଟ ଆମେରିକା ଅନ୍ତର୍ଗତ ନାସିର୍ ହସ୍‌ପିଟାଲ୍ ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଯାହାର ଉଦଘାଟନ ପ୍ରୋଗ୍ରାମ ଏହି ଗସ୍ତ ସମୟରେ ହେବ ।

ଏହାପରେ ମୋକରମ୍ ଅବଦୁସ୍ ସତାର ଖାନ୍ ସାହେବ ଅମୀର ଓ ମୁବଲ୍ଲିଗ୍ ଇନ୍‌ଚାର୍ଜ ଗୋଟେମୋଲା ଏବଂ ମୋକରମ୍ David Gonzoles ଜେନେରାଲ ସେକ୍ରେଟାରୀ ଯମାତ୍ ଅହେମଦୀୟା ଗୋଟେମୋଲା ହଜୁରଙ୍କୁ ସ୍ୱାଗତ କଲେ ।

ତା ପରେ ଏକ ବିଶେଷ ବ୍ୟବସ୍ଥା ଅନ୍ତର୍ଗତ ହଜୁର ଅନଓ୍ୱର ଅ.ବ.ଅ ସ୍ପେଷଲ ଲାଞ୍ଜକୁ ଗଲେ ଯେଉଁଠାରେ ଇମିଗ୍ରିସନ୍‌ର କାର୍ଯ୍ୟ ପ୍ରଣାଳୀ ସମ୍ପୂର୍ଣ୍ଣ ହେଲା । ଏହା ପରେ ହଜୁର ଅନଓ୍ୱର ଅ.ବ.ଅ ଏୟାର ପୋର୍ଟରୁ ବାହାରକୁ ବାହାରିଲେ ଓ Porta Hotel ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଏହି ହୋଟେଲ୍‌ଟି ଏୟାରପୋର୍ଟରୁ ୪୦ କିଲୋମିଟର ଦୂରତାରେ Antigua ସହରରେ ଅବସ୍ଥିତ । ଦେଶର ରାଜଧାନୀ ଗୋଟେମୋଲା ସିଟି ଓ Antigua ପାଖାପାଖି ଦୁଇଟି ସହର ଅଟନ୍ତି । ପୋଲିସ୍ ଗାଡି ଓ ମୋଟର ସାଇକେଲ୍ କାଫିଲାକୁ Escort କଲେ । ହଜୁର ଅନଓ୍ୱରଙ୍କ ଗାଡି ପଛରେ ମଧ୍ୟ ସିକ୍ୟୁରିଟି ଗାଡି ଲାଗି ରହିଥିଲା । ଏହି ସିକ୍ୟୁରିଟି ସ୍କ୍ୱାର୍ଡର ଇଂଚାର୍ଜ ଗୋଟେମୋଲା ଆର୍ମିର ଜଣେ ରିଟାୟଡ ଜେନେରାଲ ଥିଲେ ।

ଉଣା ଅଧିକେ ଏକ ଘ. ଯାତ୍ରା କରିବା ପରେ ଦ୍ୱିପହର ଦିନ ଦୁଇଟା ସମୟରେ ହଜୁର ଅନଓ୍ୱରଙ୍କ ଆଗମନ Hotel Porta ରେ ହେଲା । ଯେଉଁଠି ଯମାତ୍‌ର ସଦସ୍ୟମାନେ ଅର୍ଥାତ୍ ପୁରୁଷ ଓ ମହିଳାମାନେ ଛୋଟ ଛୋଟ ପୁଅ ଓ ଝିଅମାନେ ନିଜ ପ୍ରୀୟ ଆକାଙ୍କୁ ଉତ୍ସାହିତ ହୋଇ ସ୍ୱାଗତ କଲେ । ଲୋକମାନେ ସ୍ଲୋଗାନ୍ ଦେଉଥିଲେ । ଛୋଟ ଛୋଟ ଝିଅପିଲାମାନେ ନିଜ ସ୍ଥାନୀୟ ଭାଷାରେ ସ୍ୱାଗତ ସମ୍ବଧନା ମୂଳକ କବିତା ପାଠ କରୁଥିଲେ ଓ ପ୍ରାର୍ଥନା ମୂଳକ ନଜମ୍ ଉପସ୍ଥାପନ କରୁଥିଲେ ।

ସ୍ୱାଗତ କରିବା ଲୋକମାନଙ୍କ ମଧ୍ୟରେ ଗୋଟେମାଲାର ସ୍ଥାନୀୟ ଲୋକମାନେ, ନୌ ମୁବାଇନ (ଅର୍ଥାତ ନୂଆ ଆହେମଦୀ)ଙ୍କ ବ୍ୟତିତ ମେକ୍ସିକୋ, ଇକ୍ୟୁଏଡୋର୍, ହଣ୍ଡୁରାସ୍, ପାନାମା, କୋଷ୍ଟରିକା, ଏଲସ୍ଲିଭାଡୋର, ପାରାଗୁଏ ଏବଂ ବେଲିଜ୍‌ରୁ ଆସିଥିବା ନୌମୁବାଇନ୍ ମଧ୍ୟ ସାମିଲ୍ ଥିଲେ ।

ଏହାକୁ ବାଦଦେଲେ ଆମେରିକା ଏବଂ କାନାଡାରୁ ମଧ୍ୟ ବହୁ ସଂଖ୍ୟକ ଯମାତର ସଦସ୍ୟବୃନ୍ଦ ଗୋଟେମୋଲା ଠାରେ ପହଂଚିଥିଲେ । ଏମାନେ ସମସ୍ତେ ହୁଦରକ୍ୟୁ ସ୍ୱାଗତ ଜଣାଇବା ପାଇଁ ସେଠାରେ ଉପସ୍ଥିତ ଥିଲେ ।

ହଜୁର୍ ଅନଓ୍ୱର ଅ.ବ.ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ପୁଣି ହୋଟେଲ୍ ଭିତରକୁ ପ୍ରବେଶ କଲା । ହୋଟେଲ୍‌ରେ ଗୋଟିଏ ନମାଜ ପାଠ ନିମନ୍ତେ ରଖାଯାଇଥିଲା । ହଜୁର୍ ଅନଓ୍ୱର ଅ.ବ.ଅ ଠିକ୍ ୪.୪୦ ମିନିଟ୍‌ରେ ସେହି ହଲ୍‌ରେ ପଦାର୍ପଣ କରି ଜୋହର୍ ଓ ଅସର୍ ନମାଜ ଏକତ୍ର ପଢାଇଲେ ।

ନମାଜ ପାଠ ପରେ ପ୍ରୋଗ୍ରାମ୍ ମୁତାବକ ୫.୧୫ ରେ ମସ୍‌ଜିଦ୍ ବଇତୁଲ୍‌ଅଓ୍ୱଲ୍ (ଗୋଟେମାଲା) ନିମନ୍ତେ ଯାତ୍ରା ଆରମ୍ଭ ହେଲା । ୩୫ ମିନିଟ୍ର ରାସ୍ତାକୁ ଅତିକ୍ରମ କରିବା ପରେ ୫.୫୦ ରେ ମସ୍‌ଜିଦ୍ ବଇତୁଲ୍ ଅଓ୍ୱଲ୍‌ଠାରେ ପହଂଚିଲେ ଯେଉଁଠି ଗୋଟେମୋଲାର ସ୍ଥାନୀୟ ସଦସ୍ୟମାନଙ୍କ ବ୍ୟତିତ ମଧ୍ୟ ଆମେରିକା ଓ ଦକ୍ଷିଣ ଆମେରିକାର ବିଭିନ୍ନ ଯମାତ୍‌ରୁ ଆସିଥିବା ପ୍ରତିନିଧିମାନେ ହଜୁର ଅନଓ୍ୱରଙ୍କୁ ଭବ୍ୟ ସ୍ୱାଗତ କଲେ । ଛୋଟ ଛୋଟ ଝିଅପିଲାମାନେ ନିଜ ସ୍ଥାନୀୟ ଭାଷାରେ ଗୀତ ପରିବେଷଣ କଲେ । ହଜୁର ଅନଓ୍ୱର ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୌ ଆଲୈକୁମ୍ କହିଲେ ଓ ମିଶନ୍ ହାଉସ୍ ଭିତରେ ପ୍ରବେଶ କଲେ ।

ଏହାପରେ ହଜୁର୍ ଅନଓ୍ୱର ମିଶନ ହାଉସ୍‌ର କୋଠରୀଗୁଡିକୁ ନିରକ୍ଷଣ କଲେ ତତ୍ ସହିତ ଆବାସସ୍ଥଳୀ ଗୁଡିକୁ ମଧ୍ୟ ଦେଖିଲେ । ମସ୍‌ଜିଦ୍‌ର ବାହ୍ୟ ଭାଗରେ ସାମିୟାନା ଲଗାଯାଇ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଅଲଗା ଅଲଗା ଖାଇବାର ବ୍ୟବସ୍ଥା କରାଯାଇଥିଲା । ସେମାନଙ୍କ ବସିବାର ବ୍ୟବସ୍ଥା ମଧ୍ୟ ସେଠାରେ କରାଯାଇଥିଲା । ମସ୍‌ଜିଦ୍‌ର ବାହ୍ୟ ଇଲାକାରେ ଆହୁରି ଅଧିକା କିଛି ନିର୍ମାଣ କରିବା ପ୍ରସଙ୍ଗରେ ହଜୁର୍ ଅନ୍ଓ୍ୱର ନିରିକ୍ଷଣ କଲେ । ଗୋଟେମାଲାର ଅମୀର୍ ସାହେବ୍ କହିଲେ ଯେ ତଳ ଭାଗରେ ଥିବା କ୍ଲିନିକ୍‌କୁ ଅତିଥିଶାଳାରେ ପରିବର୍ତ୍ତନ କରାଯାଇଛି । ଏଠାରେ ନିୟମିତ ତିନୋଟି ଆବାସସ୍ଥଳୀ ଗୋଟିଏ ଗୋଟିଏ Bedroom ଓ ଦୁଇଦୁଇଟି Bedroom ବନାଯିବାର ଯୋଜନା ଅଛି । ଏଥିରେ ହଜୁର ଅନଓ୍ୱର କହିଲେ ଠିକ୍ ଅଛି । ଏ କଥାର ନିରକ୍ଷଣ କରି ନିଅକି ପୂର୍ବରୁ ଯେଉଁ ନିର୍ମାଣ ଅଛି, ସେ ସବୁକୁ ଭାଙ୍ଗିଦିଆଯାଏ ଏସବୁ ନୂଆ କରାଯିବ ବା ସେ ସବୁକୁ ରଖି କେବଳ କରି ବନାଯିବ । ଲଣ୍ଡନ୍‌ରୁ ଫାଏଜ୍ ସାହେବ ଆସି ଏଠାରେ ତଦାରଖ କରିନେବେ ।

**ଗୋଟେମାଲା ଯମାତର ସଦସୀମାନକର ସାମୁହିକ ସାକ୍ଷାତ କାର**

ନିରକ୍ଷଣ କରିବା ପରେ ହଜୁର ଅନଓ୍ୱର ଅ.ବ.ଅ ମସ୍‌ଜିଦ୍ ହଲ୍ ଭିତରେ

ପଦାର୍ପଣ କଲେ ଯେଉଁଠାରେ ଗୋଟେମୋଲାର ଯମାତ୍‌ର ସଦସ୍ୟମାନେ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ସାମୁହିକ ସାକ୍ଷାତ କରିବାର ପ୍ରୋଗ୍ରାମ ରଖାଯାଇଥିଲା । ସେମାନଙ୍କର ସଂଖ୍ୟା ପାଖାପାଖି ୧୦୦ ଥିଲା । ସେଥିରେ ୪୪ ଜଣ ପୁରୁଷ ଓ ୪୬ ଜଣ ମହିଳାଥିଲେ । ପୁଣି ଛୋଟ ଛୋଟ ପିଲାମାନେ ଥିଲେ ।

ଏତତ୍ ବ୍ୟତିତ ମେକ୍ସିକୋର Chiapa ଇଲାକା ଯାହା ଗୋଟେମୋଲାର ସୀମାରେ ଅବସ୍ଥିତ, ଏଠାରେ ଅହେମଦୀମାନେ ଓ ନୌମୁଦାଇନ୍ (ଅର୍ଥାତ ନୂଆ ଅହେମଦୀ)ମାନେ ମଧ୍ୟ ସାକ୍ଷାତକାରରେ ସାମିଲ ଥିଲେ । ସେମାନଙ୍କର ସଂଖ୍ୟା ଥିଲା ୩୨ । ଏମାନେ ଏକ ହଜାର ମାଇଲରୁ ଅଧିକା ରାସ୍ତା ଯାତ୍ରାକରି ଏଠାରେ ପହଂଚିଥିଲେ । ଊଣା ଅଧିକେ ସମସ୍ତେ ପ୍ରଥମଥର ପାଇଁ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଉଥିଲେ ।

ହଜୁର ଅନ୍‌ଓ୍ୱର ଅ.ବ.ଅ ସମସ୍ତଙ୍କୁ ପଚାରିଲେ ଯେ କେମିତି ଅଛ । ଏଥିରେ ସେମାନଙ୍କର ଉତର ଥିଲା ଅଲ୍‌ହମ୍‌ଦୋଲିଲ୍ଲାଃ (ଅର୍ଥାତ ସମସ୍ତ ପ୍ରସଂସା ପ୍ରଭୂଙ୍କର ଯେ ଆମେ କୁଶଳରେ ଅଛୁ) । ହଜୁର ଅନ୍‌ଓ୍ୱର ପଚାରିଲେ କେଉଁ କେଉଁ ସ୍ଥାନରୁ ଆସିଛ । ଏଥିରେ ଗୋଟେମୋଲାର ଅମୀର୍ ସାହେବ କହିଲେ ଯେ ଏମାନେ ସମସ୍ତେ ଗୋଟେମୋଲାର ବିଭିନ୍ନ ଇଲାକାରୁ ଆସିଛନ୍ତି । ସେହିପରି ମେକ୍ସିକୋର Chiapa ଇଲାକାରୁ ମଧ୍ୟ ଆସିଛନ୍ତି ।

ହଜୁର ଅନ୍‌ଓ୍ୱର ବହୁତ ସ୍ନେହର ସହିତ ପିଲାମାନଙ୍କୁ ପଚାରିଲେ ଯେ କଣ ସମସ୍ତେ ସ୍କୁଲ ଯାଇଛନ୍ତି । ଗୋଟିଏ ପିଲା ହଜୁର ଅନ୍‌ଓ୍ୱରଙ୍କ ପଚାରିବାରେ କହିଲା ଯେ ସେ ଡାକ୍ତର ହେବାକୁ ଚାହୁଁଛି । ଆଉ ଜଣେ ପିଲା କହିଲା କି ସେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛି । ହଜୁର ଅନ୍‌ଓ୍ୱର ପିଲାମାନଙ୍କୁ ଉପଦେଶ ଦେଇ କହିଲେ ଯେ ଆପଣ ସମସ୍ତଙ୍କୁ ପଢିବାକୁ ହେବ । ଗୋଟିଏ ପିଲାମଧ୍ୟ ବିନାପଢାରେ ରହିବା ଉଚିତ ନୁହେଁ । କିଏ ଡାକ୍ତର ହୋଇ କିଏ ଇଞ୍ଜିନିୟର କିଏ ଓକିଲ ଏବଂ କିଏ ଶିକ୍ଷକ ହେଉ । ପ୍ରତ୍ୟେକଙ୍କୁ କିଛିନା କିଛି ପଢିବାକୁ ହେବ ।

ମେକ୍ସିକୋରୁ ଜଣେ ଯୁବ ଶିକ୍ଷାର୍ଥି ଯାମିଆ ଅହେମଦୀୟା କାର୍ଯ୍ୟରେ ଦାଖଲ ହୋଇଛନ୍ତି ଓ ସେ ଯାମିଆର ପ୍ରଥମ ଶ୍ରେଣୀର ଛାତ୍ର ଅଟନ୍ତି । ହଜୁର ଅନଓ୍ୱର ତାଙ୍କୁ ପଚାରିଲେ ଯେ କେତେ ମାତ୍ରାରେ ଉର୍ଦ୍ଦୁ ଶିଖିସାରିଲଣି । ଏଥିରେ ସେ କହିଲେ ଯେ ଏବେ ଅଳ୍ପ ଅଳ୍ପ ଶିଖିଛି ।

ହଜୁର ଅନ୍‌ଓ୍ୱର ଝିଅ ପିଲାମାନଙ୍କୁ ସମ୍ବୋଧନ କରି କହିଲେ ଯେ ଆମ ଯମାତ୍‌ରେ ଝିଅ ପିଲାମାନେ ଅଧିକ ଶିକ୍ଷିତା ଅଛନ୍ତି । ଆପଣ ସମସ୍ତେ ପୁଅ ପିଲାମାନଙ୍କଠାରୁ ଅଧିକା ପଢି ଆଗକୁ ବଢି ଯିବା ଉଚିତ । ପୁଅପିଲା ଓ ଝିଅପିଲାଙ୍କ ମଧ୍ୟରେ ଜଣେ ଅନ୍ୟଜଣଙ୍କଠାରୁ ଆଗକୁ ବଳିଯିବା ପାଇଁ ମୁକାବିଲା ହେବା ଉଚିତ ।

ଦୁଇଜଣ ଗୋଟେମାଲିୟାନ୍ ଝିଅପିଲା ହଜୁର୍ ଅନ୍‌ଓ୍ୱର ଅ.ବ.ଅଙ୍କ ସେବାରେ ଫୁଲ ଉପହାର ପେଶ୍ କଲେ । ଏଥିରେ ହଜୁର୍ ଅନ୍‌ଓ୍ୱର ଅ.ବ.ଅ କହିଲେ ଯଜାକମୁଲ୍ଲାଃ (ଅର୍ଥାତ ପ୍ରଭୁ ତୁମର ମଙ୍ଗଳ କରନ୍ତୁ ) ।

ଜଣେ ନୂଆ ଅହେମଦୀ ବନ୍ଧୁ ପଚାରିଲେ କି କିଭଳି ନମାଜ ବହୁତ ଭଲରେ ପଢାଯାଇପାରିବ । ଏହି ପ୍ରଶ୍ନର ଉତରରେ ହଜୁର କହିଲେ, ନମାଜ ପାଠ ସମୟରେ ଏ ଧ୍ୟାନ ରଖନ୍ତୁ ଯେ ଆମେ ଈଶ୍ୱରଙ୍କ ସାମନାରେ ଛିଡ଼ାହୋଇଛେ ଓ ଈଶ୍ୱର ଆମକୁ ଦେଖୁଛନ୍ତି । ସେଥିଯୋଗୁଁ ବିନମ୍ରତାର ସହିତ ନମାଜ ପଢିବା ପାଇଁ ଛିଡା ହୁଅନ୍ତୁ ଓ ଯେଉଁ ଶବ୍ଦ (ଅର୍ଥାତ ପ୍ରାର୍ଥନା) ଉଚ୍ଚାରଣ କରୁଅଛ, ତାହାକୁ ବୁଝିକରି ପଢ । ହଜୁର ଅ.ବ.ଅ କହିଲେ ସୁରଃ ଫାତିହା ମନେରଖ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ ବାରମ୍ବାର ପାଠକର ।

ଅର୍ଥାତ୍ ଆମେ ତୁମର ହିଁ ଉପାସନା କରୁଅଛୁଁ ଓ ତୁମଠାରୁ ହିଁ ସାହାଯ୍ୟଭିକ୍ଷା କରୁଅଛୁଁ । ରସୁଲୁଲ୍ଲାଃ ସ.ଆ.ସ କହିଛନ୍ତି ଯେ ଯେତେବେଳେ ନମାଜ ପାଠକରୁଥିବ ସେତେବେଳେ ଏ ଧ୍ୟାନ ରଖ ଯେ ଯେମିତି ତୁମେ ଈଶ୍ୱରଙ୍କୁ ସମ୍ମୁଖରେ ଦେଖୁଅଛ ବା ଅତିକମ୍‌ରେ ଏକଥା ଭାବ ଯେ ଈଶ୍ୱର ତୁମକୁ ଦେଖୁଛନ୍ତି । ଯେବେ ଏପରି ଅନୁଭବ ଓ ଭାବନା ରହିବ ଯେ ଈଶ୍ୱର ମତେ ଦେଖୁଛନ୍ତି ସେତେବେଳେ ପୁଣି ବିନମ୍ରତା ସୃଷ୍ଟି ହେବ ଓ ନମାଜ ପ୍ରତି ଧ୍ୟାନ ରହିବ ।

ଜଣେ ନୂଆ ଆହେମଦୀ କହିଲେ କି ଯଦି ଆଲ୍ଲାଃତାଲା ଆମକୁ ପୁଅ ବା ଝିଅ ଦିଅନ୍ତି ତେବେ ସେମାନଙ୍କର କିଭଳି ଇସ୍‌ଲାମୀୟ ନାମକରଣ କରିବା ଉଚିତ । ଏଥିରେ ହଜୁର ଅନଓ୍ୱର କହିଲେ, ଯେଉଁ ଇସ୍‌ଲାମୀୟ ନାମ ତୁମକୁ ପସନ୍ଦ ତାହା ରଖିବେ । ମୁହମ୍ମଦ ନାମ ଯଦି ରଖିବାକୁ ଚାହୁଁଛନ୍ତି ତା ହେଲେ ରଖନ୍ତୁ, ପୁଣି ହଜୁର କହିଲେ ଅସଲରେ ଏ ଦୁଆ କରିବା ଉଚିତ ଯେ ଈଶ୍ୱର ପୂଣ୍ୟବାନ ଓ ସଦାଚାରୀ ସନ୍ତନ ପ୍ରଦାନ କରନ୍ତୁ । ଯେଉଁମାନେ ଈଶ୍ୱରଙ୍କ ପ୍ରଦତ କର୍ତବ୍ୟ ଓ ପ୍ରାଣିଜଗତର କର୍ତବ୍ୟ ସମାଦନ କରୁଥିବେ । ବହୁତ ପିଲା ଏଠାରେ ଅର୍ଥାତ୍ ଗୋଟେମୋଲା ଦେଶରେ ଜନ୍ମ ହେଉଛନ୍ତି, ସେହି ଅନ୍ୟ ଦେଶରେ ମଧ୍ୟ ଜନ୍ମ ହେଉଛନ୍ତି କିନ୍ତୁ ଅଧିକାଂଶ ପିଲା ବିଗିଡି ଯାଉଛନ୍ତି ଅର୍ଥାତ୍ ଖରାପ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ନିଶା କରୁଛନ୍ତି ପୁଣି ଅପରାଧ କରୁଛନ୍ତି ଫଳତ ଜେଲ୍ ଯାଉଛନ୍ତି । ତେଣୁ ସର୍ବଦା ଈଶ୍ୱରଙ୍କ ନିକଟରେ ଏକ ପ୍ରାର୍ଥନା କରିବା ଉଚିତ ଯେ ସେ ଯେଉଁ ସନ୍ତାନ ପ୍ରଦାନ କରିଛନ୍ତି ସେମାନେ ପୂଣ୍ୟବନ୍ତ ଓ ସଦାଚାରୀ ହୁଅନ୍ତୁ ।

ଜଣେ ଛାତ୍ର ନିବେଦନ କଲେ କି ସେ ଯାମିଆ କାନାଡା ବା ଯାମିଆ ୟୁ.କେରେ ପଢିବାକୁ ଚାହୁଁଛନ୍ତି । ଏଥିରେ ହଜୁର ଅନଓ୍ୱର କହିଲେ ଯେ ଯଦି ମୁରବୀ ହେବାକୁ ଚାହୁଁଛନ୍ତି ତେବେ ଗୋଟିଏ ନିଷ୍ପତି କର ଓ ପୁଣି ସେଥିରେ ଅଟଳ ରୁହ । ଯଦି ଯାମିଆ ଅହେମଦୀୟା ଯିବାକୁ ଚାହୁଁଛ ତେବେ ପୁଣି ଯାମିଆ ଅହେମଦୀୟା କାନାଡା ଯଥା ଯାମିଆ ଅହେମଦୀୟା କାନାଡାକୁ ଏକ Educational Unit ଓ ଏକ ଶିକ୍ଷା କେନ୍ଦ୍ର ରୂପେ Status ମିଳିଛି । ତେଣୁ ତୁମେ କାନାଡା ଯାଇପାର । କିନ୍ତୁ U.K. ଯାଇପାରିବ ନାହିଁ । କାନାଡା ବା ଘାନା ଦୁଇଟି Choices ଅଛି, କୌଣସି ଗୋଟିଏ ନିର୍ବାଚିତ କରିପାର ।

ଆଉ ଜଣେ ନୂଆ ଅହେମଦୀ ପଚାରିଲେ ଯେ ଜଣେ ଉତମ ମୁଲସମାନ ହେବାକୁ ହେଲେ କଣ ସବୁ ଆବଶ୍ୟକ ଅଛି । ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ.ବ.ଅ କହିଲେ, ଆପଣ ଖୁଦାତାଲାଙ୍କଠାରୁ କୌଣସି କାର୍ଯ୍ୟକୁ ମଧ୍ୟ ଲୁଚାଇ ପାରିବେ ନାହିଁ । ଲୋକମାନଙ୍କଠାରୁ ଲୁଚାଇ ପାରିବେ । ତେଣୁ ଯେତେବେଳେ ମଧ୍ୟ କୌଣସି କାର୍ଯ୍ୟ କରୁଛନ୍ତି, ଏ କଥା ମନେରଖନ୍ତୁ ଯେ ଈଶ୍ୱର ଆମକୁ ଦେଖୁଛନ୍ତି । ଈଶ୍ୱର ଯେଉଁ ମୂଳ ନିର୍ଦ୍ଦେଶାବଳୀଗୁଡିକ ଦେଇଅଛି ତା ଉପରେ ପରିଚାଳିତ ହୁଅ, ଈଶ୍ୱରଙ୍କ ଉପାସନା କର, ଉତମ ଚରିତ୍ର ଦେଖାଅ ଓ ଲୋକମାନଙ୍କର ଅଧିକାରକୁ ପ୍ରଦାନ କର । ରସୁଲୁଲ୍ଲାଃ ସ.ଆ.ସ କହିଛନ୍ତି ଯେ ପ୍ରକୃତ ମୁସଲମାନ ହେଉଛି ସେ ବ୍ୟକ୍ତି ଯିଏ ନିଜ ହାତ ଓ ନିଜ ମୁହଁରୁ ଅନ୍ୟକୁ ସୁରକ୍ଷା ଦେଇଥାଏ । ହଜୁର ଅନଓ୍ୱର କହିଲେ କି ଏକଦା ହଜରତ୍ ମସିହ ମଉଦ ଆ.ସ କହିଛନ୍ତି କି ଈଶ୍ୱର ମତେ ସ୍ୱର୍ଗବାଣୀ କରି କହିଛନ୍ତି, ତାହା ମୁଁ ତୁମମାନଙ୍କୁ ବତାଇଦେଉଛି ଅର୍ଥାତ୍ ଈଶ୍ୱରଙ୍କୁ ଭୟକର ପୁଣି ସବୁକିଛି କର । ହଜୁର ଅନଓ୍ୱର କହିଲେ, ସୁତରାଂ ଯିଏ ଖୁଦାତାଲାଙ୍କୁ ଡରିବ ସେ ଭୁଲ କାର୍ଯ୍ୟ କରିବ ନାହିଁ ଫଳତଃ ଜଣେ ଭଲ ମୁସଲମାନ ହୋଇଯିବ । ପ୍ରୀୟଜନଙ୍କୁ ଉପଦେଶ ଦେଇ ହଜୁର ଅନଓ୍ୱର କହିଲେ , ଯାମିଆରେ ନିଜ ଶିକ୍ଷା ଗ୍ରହଣ କରିବାରେ ଧ୍ୟାନଦିଅ, ଦୀନି (ଅର୍ଥାତ୍ ଧାର୍ମିକ) ଶିକ୍ଷା ଶିଖ । ପାଂଚ ବେଳା ନମାଜ ନିୟମିତ ପାଠ କର ତ ବାଯମାତ (ଅର୍ଥାତ ସାମୁହିକ) ପାଠ କର । ଫଜର ନମାଜ ପୂର୍ବରୁ ଅତିକମ୍‌ରେ ଦୁଇ ରେକାତ୍ ନଫିଲ୍ ନମାଜ ପାଠକର ଓ ନିୟମିତ ପଢ । ଉର୍ଦ୍ଦୁ ଭାଷା ଶିଖିବାକୁ ହେଲେ ଯମାତ୍‌ର ଯେ କୌଣସି ପତ୍ରିକାକୁ ପ୍ରତ୍ୟେକ ଦିନ ଗୋଟିଏ ପୃଷ୍ଠା ପଢ । ଯେପରି ସାପ୍ତାହିକ ଅଲ୍‌ଫଜଲ୍ ଅଛି, ସେଥିରୁ ଗୋଟିଏ ପାରା ପଢ । ସେହିପରି ହଜ୍‌ରତ୍ ମସିହ ମଉଦ ଆ.ସଙ୍କ ପୁସ୍ତକମାନ ରହିଛି । ସେଥିମଧ୍ୟରୁ ଯାହା ସରଳ ଓ ସହଜ ଉର୍ଦ୍ଦୁରେ ଅଛି ତାହା ପାଠକର । ପ୍ରତ୍ୟେକ ଦିନ ଶୋଇବା ପୂର୍ବରୁ ମଲ୍‌ଫୁଜାତ୍ ପୁସ୍ତକରୁ ଗୋଟିଏ ପୃଷ୍ଠା ପଢ ।

ଗୋଟେମୋଲାର ଜଣଏ ନୂଆ ଅହେମଦୀ କହିଲେ ଯେ ଆମପାଇଁ ଦୁଆ (ଅର୍ଥାତ ପ୍ରାର୍ଥନା) କରନ୍ତୁ । ଆମେ ଅନ୍ଧାର ଭିତରେ ଅଛୁ ତେଣୁ ଆମକୁ ସାହାଯ୍ୟ କରନ୍ତୁ ଓ ଖୁଦା ଆମକୁ ସତ୍‌ପଥ ପ୍ରଦାନ କରନ୍ତୁ । ଏଥିରେ ହଜୁର୍ ଅନଓ୍ୱର କହିଲେ, ଈଶ୍ୱର ଆପଣଙ୍କୁ ନୁର (ଅର୍ଥାତ୍ ଆଲୋକ) ଆଡକୁ ପଥ ପ୍ରଦର୍ଶନ କରିଛନ୍ତି, ଏବେ ଆପଣଙ୍କ କାମ ହେଉଛି ଏହା କି ଏହି ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାନ୍ତୁ । ହଜ୍‌ରତ୍ ସ.ଆ.ସ କହିଛନ୍ତି ଯେ ଯାହା ନିଜପାଇଁ ପସନ୍ଦ କରୁଛ ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ପସନ୍ଦ କର । ଆପଣ ନିଜପାଇଁ ଇସ୍‌ଲାମକୁ ପସନ୍ଦ କରିଛନ୍ତି, ତେଣୁ ଏବେ ଅହମଦୀୟତର ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଓ । ଈଶ୍ୱର ଆପଣଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଯେ ଆପଣ ଏ ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଇବାର କାର୍ଯ୍ୟକୁ ଉତମ ରୂପେ ସମ୍ପାଦନ କରନ୍ତୁ ।

ଜଣେ ନୂଆ ଅହେମଦୀ ମହିଳା କହିଲେ ଯେ ମୁଁ ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଏଠାକୁ ଆମେରିକାରୁ ଡାକ୍ତରମାନେ ଆସୁଛନ୍ତି ଓ ଯମାତ୍‌ର ମେଡିକାଲ କ୍ୟାମ୍ପ ଲଗାଯାଉଛି ଓ ଗୋଟିଏ ସ୍କୁଲ୍ ମଧ୍ୟ ଯମାତ ତରଫରୁ ଖୋଲାଯାଇଛି ଏସବୁ ଏଠାରେ ବହୁତ ଆବଶ୍ୟକତା ରହିଛି । ଏଥିରେ ଗୋଟେମୋଲାର ଅମୀର ସାହେବ କହିଲେ ଯେ "Humanity First America" ଅନ୍ତର୍ଗତ ଏଠାରେ ମସ୍‌ରୁର୍‌ସ୍କୁଲ୍ ଜାରି ରହିଛି । ହଜୁର ଅନଓ୍ୱର କହିଲେ ଏସ୍କୁଲକୁ ଜାରି ରଖନ୍ତୁ । ପୁଣି କହିଲେ ଯେ ଆମେ ଏ ସେବା କରୁଅଛେଁ । ଯେଉଁଠି ମଧ୍ୟ ଆମକୁ ସେବା କରିବାର ଅବସର ମିଳୁଛି ଆମେ ଏପରି ସେବା କରିଚାଲିଛୁଁ । ହଜରତ ମସିହ ମଉଦ ଆ.ସ କାଦିୟାନ୍‌ରେ ବହୁତ ରୋଗୀଙ୍କର ଉପଚାର କରି ଔଷଧ ଦେଉଥିଲେ । ଫଳତଃ ଗରୀବ ମହିଳାମାନେ ବହୁ ସଂଖ୍ୟାରେ ଔଷଧ ନେବା ପାଇଁ ଆସୁଥିଲେ । ଫଳତଃ ଗରୀବ ମହିଳାମାନେ ବହୁ ସଂଖ୍ୟାରେ ଔଷଧ ନେବା ପାଇଁ ଆସୁଥିଲେ । ଆପଣ ଆ.ସ ସମସ୍ତଙ୍କର ଚିକିତ୍ସା କରୁଥିଲେ । ଏହା ଦେଖି କେହି ଜଣେ ଆପଣ ଆ.ସଙ୍କୁ ପ୍ରଶ୍ନ କଲେକି ଏପରିତ ଆପଣ ବହୁତ ସମୟ ଏହି ଲୋକମାନଙ୍କ ନିମନ୍ତେ ଖର୍ଚ୍ଚ କରୁଛନ୍ତି । ଏହା ଶୁଣି ଆପଣ ଆ.ସ କହିଲେ ଏମାନେ ହେଉଛନ୍ତି ଗରୀବ ଲୋକ, ଏଠାରେ ଚିକିତ୍ସା କରିବାର ଆବଶ୍ୟକତା ରହିଛି ଓ ନିକଟରେ କୌଣସି ଦଓ୍ୱାଖାନା (ଅର୍ଥାତ ଔଷଧାଳୟ) ମଧ୍ୟ ନାହିଁ ତେଣୁ ମୁଁ ଔଷଧ ମଗାଇ ରଖୁଛି ଯାହା ଏମାନଙ୍କର କାର୍ଯ୍ୟରେ ଲାଗିଯାଉଛି । ହଜୁର ଅନଓ୍ୱର କହିଲେ ଏହି କାର୍ଯ୍ୟରେ ଲାଗିଯାଉଛି । ହଜୁର ଅନଓ୍ୱର କହିଲେ ଏହି କାର୍ଯ୍ୟ ଆମକୁ ଜାରି ରଖିବାକୁହେବ ଆମେ ସବୁଯାଗାରେ ଏପରି ସେବା କରୁଅଛୁଁ । ଆମେ ଏଠାରେ ଆହୁରି ସ୍କୁଲ ଓ ଡାକ୍ତରଖାନା ଖୋଲିବାକୁ ଯାଉଛୁ ।

ଜଣେ ମହିଳା ନିବେଦନ କଲେ

ଯେ ମୁଁ ହଜୁର ଅନଓ୍ୱରଙ୍କ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି ଯେ ହଜୁର ଆମ ଦେଶକୁ ଆସିଲେ । ଆଜି ମୋ ପୁଅ ଏଠାକୁ ଆସିପାରିଲା ନାହିଁ କାରଣ ତାକୁ କାମରୁ ଛୁଟିମିଳିଲା ନାହିଁ । ସେ କମ୍ପ୍ୟୁଟର ସାଇନ୍ସ (Computer Science) କରିଛି । ମୋର ଆନ୍ତରିକ ଇଚ୍ଛା ଯେ ସେ ମଧ୍ୟ ଯାମିଆରେ ନାମ ଲେଖାଇ ତା ପରେ ହଜୁର ଅନଓ୍ୱର ସେହି ମହିଳାଙ୍କୁ ଗୋଟିଏ କଲମ ଉପହାର ଦେଇ କହିଲେ ଯେ ଏ କଲମଟିକୁ ନିଜ ପୁଅଙ୍କୁ ଦେଇଦେବ ।

ଆଉ ଜଣେ ମହିଳା କହିଲେ ଯେ ହଜୁର । ଆମ ମହିଳାମାନଙ୍କ ନିମନ୍ତେ କୌଣସି ଉପଦେଶ ଦିଅନ୍ତୁ । ଏଥିରେ ହଜୁର ଅନଓ୍ୱର କହିଲେ  ମାଆଙ୍କ ପାଦତଳେ ବୈକୁଣ୍ଠ ରହିଛି । ରସୁଲୁଲ୍ଲାଃ ସ.ଆ.ସ ମହିଳାମାନଙ୍କୁ ବହୁତ ବଡ ପଦମର୍ଯ୍ୟାଦା ପ୍ରଦାନ କରିଛନ୍ତି । ପ୍ରଥମତଃ ମହିଳାମାନେ ଗର୍ଭଧାରଣ କରିବା ସମୟରେ ବହୁତ କଷ୍ଟ ସହିଥାନ୍ତି । ପୁଣି ପ୍ରସବ ସମୟରେ ବହୁତ ପୀଡା ଉଠାଇଥାନ୍ତି । ପୁଣି ପ୍ରସବ କରିବା ପରେ ପିଲାକୁ ଲାଳନ ପାଳନ କରିବା ଦୁଃଖ କଷ୍ଟ ସହିବାରେ ସମୟ କାଟିଥାନ୍ତି । ତେଣୁ ପିଲାମାନଙ୍କ ପାଇଁ ଏ କର୍ତବ୍ୟ ରହିଛି ଯେ ସେମାନେ ମାଆର ସେବା କରନ୍ତୁ । ସେଥିପାଇଁ ରସୁଲୁଲ୍ଲାଃ ସ.ଆ.ସ କହିଛନ୍ତି କି ବୈକୁଣ୍ଠରେ ପହଂଚିବାକୁ ହେଲେ ପିଲାମାନଙ୍କୁ ନିଜର ମାଆମାନଙ୍କର ସେବା କରିବା ଉଚିତ । ପିଲାଟିର ଜନ୍ମ ପରେ ତାର ସବୁଠାରୁ ଅଧିକା ସେବା (ଅର୍ଥାତ ଲାଳନପାଳନ) ମାଆ ହିଁ କରିଥାଏ । ସେଥି ଯୋଗୁଁ ମାଆଙ୍କୁ ଏପରି ପଦମର୍ଯ୍ୟାଦା ଦିଆଯାଇଛି  ଓ ପିଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ମାଆର ସେବା କର ଯଦ୍ୱାରା ବୈକୁଣ୍ଠ ପ୍ରାପ୍ତି କରିବ । ଅନ୍ୟପଟେ ମା ଉପରେ ଏ ଦାୟିତ୍ୱ ରହିଛି କି ତୁମ ପାଦତଳେ ବୈକୁଣ୍ଠ ସେତେବେଳେ ମିଳିବ ଯେବେ ତୁମେ ସଠିକ୍ ରୂପେ ସନ୍ତାନମାନଙ୍କୁ ଲାଳନପାଳନ କରି ସଂସ୍କାର ଦେବ । ମାର ସବୁଠାରୁ ବଡ ଦାୟିତ୍ୱ ହେଉଛି ଏହା କି ପିଲାମାନଙ୍କର ପୂଣ୍ୟ ସଂସ୍କାର କରିବେ । ପିଲାମାନଙ୍କୁ ଖରାପ ପରିବେଶରୁ ବଂଚିତ ରଖିବେ । ଯେବେ ଅହମଦୀୟତ୍ ଗ୍ରହଣ କରିସାରିଛ ତେବେ ପିଲାମାନଙ୍କୁ ଦୀନ୍ (ଅର୍ଥାତ୍ ଧର୍ମ) ଶିଖାଏ । ତାଙ୍କୁ ପ୍ରକୃତ ଉପାସନାକାରୀ ବନାଓ ଓ ଉତମ ଚରିତ୍ରବାନ କରି ଗଢିତୋଳ । ଗୋଟିଏ ଘଟଣା ସମ୍ବନ୍ଧରେ ହଜ୍‌ରତ୍ ମସିଦ୍ ମଉଦ୍ ଆ.ସ ମଧ୍ୟ ଚର୍ଚ୍ଚା କରିଛନ୍ତି । ତାହା ହେଉଛି ଏପରି, ଗୋଟିଏ ପିଲା ପିଲାଦିନୁଁ ଚୋରି କରୁଥିଲା । ପୁଣି ଚୋରି କରିବା ତାର ଅଭ୍ୟାସରେ ପରିଣତ ହୋଇଗଲା ତେଣୁ ବଡ ହୋଇ ସେ ଡାକୁ ହୋଇଗଲା । ପୁଣି ସେ ହତ୍ୟା କରିବା ଆରମ୍ଭ କରିଦେଲା । ପରିଶେଷରେ ସେ ଧରା ପଡିଲା ଓ ତାକୁ ମୃତ୍ୟୁ ଦଣ୍ଡ ମିଳିଲା । ଫାଶି ଦେବା ପୂର୍ବରୁ ତାକୁ ପଚରାଗଲା କି ତାର ଶେଷ ଇଚ୍ଛା କଣ । ସେ କହିଲା ମୋର ଶେଷ ଇଚ୍ଛା ହେଉଛି ଏହା କି ମୁଁ ମୋ ମଥାର ଜିଭ ଚୁଚୁମିବାକୁ ଚାହୁଁଛି ଅର୍ଥାତ୍ ମାଆକୁ ଗେଲ କରିବାକୁ ଚାହୁଁଛି । ସୁତରାଂ ମାକୁ ଡକାଗଲା ପୁଅ ତା ମା ନିକଟକୁ ଗଲା ଓ ତା ମାର ଜିଭକୁ ଏତେ ଜୋରରେ କାମୁଡିଦେଲା ଯେ ତାହା ଦୁଇଖଣ୍ଡ ହୋଇଗଲା । ଏହା ଦେଖି ଲୋକମାନେ ତାକୁ କହିଲେ ତୁମେ ତ ଜାଲିମ୍ ଲୋକ । ତୁମେ ସାରା ଜୀବନ ଅତ୍ୟାଚାର କଲ ଓ ଏବେ ଫାଶି ଲାଗିଲା ବେଳକୁ ମଧ୍ୟ ମାଆକୁ କଷ୍ଟ ଦେଇଛ । ଏଥିରେ ସେ କହିଲା ଯେ ମୁ ମୋ ମାର ଜିଭକୁ ଏଥିପାଇଁ କାମୁଡିଲି କି ଯେବେ ମୁଁ ଚୋରୀ କରୁଥିଲି ଓ ଲୋକମାନେ ଅଭିଯୋଗ କରୁଥିଲେ ସେତେବେଳେ ମୋ ମା ମୋ ଦୋଷକୁ ଘୋଡାଇ ଦେଉଥିଲେ ଓ ମତେ କହୁଥିଲେ ଯେ କିଛି ହୋଇନାହିଁ । ଯଦି ସେତେବେଳେ ସେ ମତେ ବୁଝାଇଦେଇଥାନ୍ତେ ଓ ମୋର ସଠିକ୍ ତର୍‌ବିୟତ୍(ଅର୍ଥାତ୍ ସଂସ୍କାର) କରିଥାନ୍ତେ ତେବେ ଆଜି ମୁଁ ଡାକୁ ହୋଇନଥାନ୍ତି ନା ଫାଶିରେ ଚଢିଥାନ୍ତି । ମୁଁ ମୋ ମାଆର ଜିହ୍ୱାକୁ ଏଥିପାଇଁ କାମୁଡିଲି ଯେ ଏହା ତର୍‌ବିୟତ୍ କରିନଥିଲା ବରଂ ମୋ ଜୀବନକୁ ନଷ୍ଟ କରିବା ବାଲା ଥିଲା । ହଜୁର୍ ଅନ୍‌ଓ୍ୱର ଅ.ବ.ଅ କହିଲେ, ଅହେମଦୀ ମାଆମାନେ ନିଜ ପିଲାମାନଙ୍କର ଭଲ ରୂପେ ତର୍‌ବିୟତ୍ କରିବା ଉଚିତ ଓ ପିଲାମାନଙ୍କୁ ପୂନ୍ୟବାନ, ଉପାସନାକାରୀ ଓ ଦେଶର ସେବକ ରୂପେ ଗଢିତୋଳିବା ଉଚିତ । ଆପଣଙ୍କ ଯୁବ ପିଢି ଏ ଦେଶର ଉନ୍ନତି ସାଧନ ନିମନ୍ତେ ଭୂମିକା ନିର୍ବାହ କରିବା ଉଚିତ ।

ଶେଷରେ ମେକ୍ସିକୋ ଦେଶର ଇଲାକାରୁ ଆସିଥିବା ଜଣେ ମହିଳା ନିବେଦନ କଲେ କି ସେ ଆଜି ବୟତ୍ କରିବାକୁ ଚାହୁଁଛନ୍ତି । ଏହା ଶୁଣି ହଜୁର୍ ଅନ୍‌ଓ୍ୱର୍ କହିଲେ ବୟତ ଫର୍ମ ପୁରଣ କରିଦିଅ ଓ ବୟତ୍ କରିନିଅ । ଏହା ସହିତ ହଜୁର୍ ଅନ୍‌ଓ୍ୱର୍ ଅମୀର୍ ସାହେବଙ୍କୁ କହିଲେ କି ନମାଜ ମଗ୍ରିବ୍ ଏବଂ ଇଶା ପରେ ଯଦି ବୟତ ପ୍ରୋଗ୍ରାମ୍ ରଖିବାକୁ ଚାହୁଁଛ ତେବେ ରଖିନିଅ ।

ସାକ୍ଷାତକାରର ଶେଷରେ ହଜୁର୍ ଅନ୍‌ଓ୍ୱର୍ କହିଲେ, ଅଲ୍ଲାଃ ଆପଣ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

**ବେଲିଜ୍ ଦେଶରୁ ଆସିଥିବା**
**ପ୍ରତିନିଧି ମଣ୍ଡଳର ସାକ୍ଷାତକାରୀ**

ଏହାପରେ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ବେଲିଜ୍‌ରୁ ୨୧ଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଗୋଟେମୋଲା ପହଂଚିଥିଲେ ।

ହଜୁର୍ ଅନ୍‌ଓ୍ୱର ଅ.ବ.ଅ ଜଣେ ନୂଆ ଅହେମଦୀ ମହିଳାଙ୍କୁ ପଚାରିଲେ ଯେ ଅହେମଦୀୟତ୍ ଗ୍ରହଣ କରି ଆପଣ କଣ ପାଇଲେ । ଆପଣଙ୍କୁ ଖୁଦାତାଲା ମିଳିଲେ । ପବିତ୍ର କୋରାନ୍‌ର ଶିକ୍ଷା ମିଳିଲା । ଦୀନ୍ (ଅର୍ଥାତ୍ ଧର୍ମ) ମିଳିଲା । ଏଥିରେ ସେହି ମହିଳା ଜଣଙ୍କ କହିଲେ ଯମାତ ଅସହାୟ ଲୋକମାନଙ୍କର ସେବା କରିଥାଏ ଓ ସାହାଯ୍ୟ କରିଥାଏ । ଏହା ମତେ ବହୁତ ପ୍ରଭାବିତ କରିଛି । ଏଥିରେ ହଜୁର୍ ଅନ୍‌ଓ୍ୱର୍ ଅ.ବ.ଅ କହିଲେ ଯେ ଆମେ ସବୁ ସ୍ଥାନରେ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିଥାଉଁ । ଜନସେବା ପାଇଁ ଆମ ତରଫରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିଛି ।

ଆଉ ଜଣେ ମହିଳା କହିଲେ ଯେ ମୁଁ ଦୁଇବର୍ଷ ପୂର୍ବେ ଅହେମଦୀ ହୋଇଛି ଏବେ ମୁଁ ଅନ୍ୟମାନଙ୍କୁ ଯମାତ୍‌ର ତବ୍‌ଲିଗ୍ କରୁଛି, ବାର୍ତା ପହଂଚାଇଛି ଯେ ଅହେମଦୀୟା ସମ୍ପ୍ରଦାୟ ବହୁତ ଭଲ ସମ୍ପ୍ରଦାୟ । କିନ୍ତୁ କିଛି ଲୋକ ଯମାତ ସମ୍ବନ୍ଧରେ ନକାରତ୍ମ ଭାବନା ରଖିଛନ୍ତି । ଏଥିରେ ହଜୁର ଅନ୍‌ଓ୍ୱର କହିଲେ ଯେ ମିଡିଆ ଇସ୍‌ଲାମ୍‌କୁ ବଦ୍‌ନାମ କରୁଛି ଓ ଇସ୍‌ଲାମ୍‌କୁ ଖରାପ ରଙ୍ଗରେ ଉପସ୍ଥାପନ କରାଯାଇଛି । ସେଥିଯୋଗୁଁ କିଛିଲୋକ ନକାରତ୍ମକ ମନୋଭାବ ରଖିଛନ୍ତି ।

ଆଉ ଜଣେ ମହିଳା ଖଦିଜାଃ ସାହିଦା, ଏହି ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିଲେ । ହଜୁର୍ ଅନ୍‌ଓ୍ୱର ତାଙ୍କୁ କହିଲେ, ଆପଣ ତ ଜଲ୍‌ସା ସାଲାନା U.K ରେ ସାମିଲ୍ ହୋଇଥିଲେ । ଏଥିରେ ସେ କହିଲେ ମୁଁ ୨୦୧୫ ମସିହାରେ U.K ଜଲ୍‌ସାରେ ଯୋଗଦେଇଥିଲି । ପୁଣି ସେହି ମହିଳା ଜଣକ କହିଲେ କି ମୁଁ ଲଜ୍‌ନାର ତବ୍‌ଲିଗ୍ ଇଂଚାର୍ଜ ଅଛି । ମହିଳାମାନେ ବୟତ କରୁଛନ୍ତି । ଅହେମଦୀ ହେଉଛନ୍ତି କିନ୍ତୁ ସେମାନଙ୍କର କିଛି ସମସ୍ୟା ରହିଛି, କିଛି ଅସୁବିଧା ରହିଛି । ଏଥିରେ ହଜୁର୍ ଅନ୍‌ଓ୍ୱର କହିଲେ ଯେ ବେଲିଜ୍‌ରେ ଅହେମଦୀୟତ୍ ଗ୍ରହଣ କରିଥିବା ସମସ୍ତ ଲୋକେ ତ ସ୍ଥାନୀୟ ଅଟନ୍ତି । ସେଠାରେ ତ କେହି ପାକିସ୍ତାନୀ ନାହାନ୍ତି । ତେବେ ସେମାନଙ୍କୁ ନିଜ ଭିତରେ ସାମିଲ୍ କରାଇବାରେ କଣ ସମସ୍ୟା ରହିଛି । ହଜୁର୍ ଅନ୍‌ଓ୍ୱର କହିଲେ ସେହି ମହିଳାମାନଙ୍କୁ ଇସ୍‌ଲାମ୍‌ର ଶିକ୍ଷାକୁ ଶିଖାନ୍ତୁ । ସେମାନଙ୍କର ଯାହା କିଛି ସମସ୍ୟା ରହିଛି ତାହା ସବୁ ଇସ୍‌ଲାମୀୟ ଶିକ୍ଷା ମୁତାବକ ସମାଧାନ କରନ୍ତୁ । ମୁସଲମାନ ହେବାର ଅର୍ଥ କଣ । ଇଶ୍ୱରଙ୍କ ନିକଟତର ହେବା, ଉତମ ଚରିତ୍ରକୁ ଆପଣେଇବା । ହଜୁର ଅନ୍‌ଓ୍ୱର କହିଲେ ଯେ ଆପଣଙ୍କୁ ବହୁତ ପରିଶ୍ରମ କରିବାକୁ ହେବ । ସେମାନଙ୍କର ତର୍‌ବିୟତ୍ କରିବାକୁ ପଡିବ ଓ ଟ୍ରେନିଂ କରାଇବାକୁ ହେବ । ଆମେ ପ୍ରାର୍ଥନା କରିବୁ ଆପଣମାନେ ତବ୍‌ଲିଗ୍ କରି ମଜ୍‌ବୁତ୍ ଅହେମଦୀ କରନ୍ତୁ । ହଜୁର୍ ଅନ୍‌ଓ୍ୱର୍ କହିଲେ, ତବ୍‌ଲିଗ୍ ହେଉଛି ଏକ ଅନବରତ ଜିହାଦ୍ (ଅର୍ଥାତ୍ ଚେଷ୍ଟା) । ଏଥିରେ ବହୁତ କଷ୍ଟ ଓ ଚେଷ୍ଟାକରିବାର ଆବଶ୍ୟକତା ରହିଛି । ଗୋଟିଏ ରାତିରେ ହୃଦୟ ପରିବର୍ତନ ହୁଏନାହିଁ । କାହାର ମନକୁ ପରିବର୍ତନ କରାଯାଇପାରେନା । ବହୁତ ଲମ୍ବା ଚେଷ୍ଟାର ଆବଶ୍ୟକତା ରହିଛି । ଇଶ୍ୱର ପ୍ରତ୍ୟେକ ଅହେମଦୀଙ୍କୁ ସାହାଯ୍ୟ କରନ୍ତୁ ।

ହଜୁର୍ ଅନ୍‌ଓ୍ୱର୍ କହିଲେ କି ବେଲିଜ୍‌ରୁ ବହୁତ ମହିଳା ଆସିଛନ୍ତି, ପୁରୁଷ ଆସିନାହାନ୍ତି । ନିଜ ସ୍ୱାମୀ, ପୁଅ ଓ ଯୁବକମାନଙ୍କୁ ମଧ୍ୟ ଆଣିବା ଉଚିତ । ସେମାନଙ୍କ ଇମାନ୍‌କୁ ମଧ୍ୟ ମଜ୍‌ବୁତ୍ କରନ୍ତୁ ।

ଜଣେ ମହିଳା କହିଲେ କି ସେ ବିଗତ ଚାରିବର୍ଷ ହେବ ଅହେମଦା ହୋଇଛନ୍ତି । ଏଥିରେ ହଜୁର୍ ଅନ୍‌ଓ୍ୱର୍ କହିଲେ ଆସନ୍ତା ବର୍ଷ ଜଲ୍‌ସା ସାଲାନା U.K ରେ ଯୋଗଦେବାପାଇଁ ପ୍ରୋଗ୍ରାମ୍ ବନାନ୍ତୁ । ସେହି ମହିଳା ଜଣଙ୍କ କହିଲେ ଯେ ଆମର ଏ ନିବେଦନ କି ଯେବେ  ବେଲିଜ୍‌ରେ ଆମର ମସ୍‌ଜିଦ୍ ନିର୍ମାଣକାର୍ଯ୍ୟ ଶେଷ ହୋଇଯିବ ହଜୁର୍ ଏହାର ଉଦ୍‌ଘାଟନ କରିବା ନିମନ୍ତେ ଆସିବେ । ଏଥିରେ ହଜୁର୍ କହିଲେ ଇନ୍‌ଶାଅଲ୍ଲାଃ ତାଲା ଯେବେ ନିର୍ମାଣ ହୋଇଯିବ ତେବେ ମୁଁ ଆସିବା ପାଇଁ ଚେଷ୍ଟା କରିବି ।

ଏହା ପରେ ବେଲିଜ୍‌ର ଚାରିଜଣ ସ୍ଥାନୀୟ ଝିଅ ପିଲା ସମବେତ କଣ୍ଠରେ ନଜମ୍ "ହେ ଦସ୍‌ତେ କିବ୍‌ଲାଃ ନୁମା ଲାଇଲାହା ଇଲ୍ଲଲ୍‌ଲାହ୍" ଲଳିତ ସ୍ୱରରେ ପଢି ଶୁଣାଇଲେ । ହଜୁର୍ ଅନ୍‌ଓ୍ୱର ବହୁତ ସ୍ନେହର ସହିତ MTA କାର୍ଯ୍ୟକର୍ତାମାନଙ୍କୁ ଡାଇ କହିଲେ ଆସି ଏମାନଙ୍କର ରେକର୍ଡିଂ କର । ପୁଣି ହଜୁର୍ କହିଲେ, ଆପଣମାନେ ଯେଉଁ ଶୈଳୀରେ ପଢିଲେ ତାହା ମତେ ବହୁତ ପସନ୍ଦ ଲାଗିଲା । ଇଶ୍ୱର ଏହାର ପ୍ରତିଫଳ ପ୍ରଦାନ କରନ୍ତୁ । ପୁଣି କହିଲେ, ଆପଣମାନେ ଏହି ଗୀତର ଅର୍ଥ ମଧ୍ୟ ଶିଖନ୍ତୁ ନିଜ ମିଶନାରୀଙ୍କୁ କୁହନ୍ତୁ ଯେ ସେ ଏହାର ଅର୍ଥ ଆପଣଙ୍କୁ ଶିଖାଇଦେବେ ।

କାନାଡା ଦେଶର ରିଜାୟିନା ଯମାତ୍‌ରେ ଯେଉଁ ଲୋକମାନେ ସେଠିକାର ମସ୍‌ଜିଦ୍ ନିର୍ମାଣ କରିଥିଲେ, ସେମାନେ ବେଲିଜ୍ ମସ୍‌ଜିଦ୍ ନିମନ୍ତେ ଏକ ନକ୍ସା ପ୍ରସ୍ତୁତ କରି ସାଥିରେ ଆଣିଥିଲେ । ସେମାନେ ହଜୁର୍ ଅନ୍‌ଓ୍ୱର୍‌ଙ୍କ ଗୋଚରରେ ସେହି ନକ୍ସାକୁ ଉପସ୍ଥାପନ କଲେ । ଏଥିରେ ହଜୁର୍ ଅନ୍‌ଓ୍ୱର କହିଲେ, ଆପଣ ଏହି ନକ୍ସାକୁ ଲଣ୍ଡନ ପାଠାଇଦିଅନ୍ତୁ । ସେଠାରେ ଦେଖି ବତାଇବେ ଯେ କଣ କରିବାକୁ ହେବ ।

ଶେଷରେ ପ୍ରତିନିଧିମଣ୍ଡଳର ସମସ୍ତ ସଦସ୍ୟମାନେ ଜଣ ଜଣ ହୋଇ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ବେଲିଜ୍ ଦେଶରୁ ଆସିଥିବା ଏହି ପ୍ରତିନିଧିମଣ୍ଡଳଙ୍କର ହଜୁର୍ ଅନ୍‌ଓ୍ୱରଙ୍କ ସହିତ ସାକ୍ଷାତକାର ୭.୩୦

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲ୍‌ସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ-

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْٓ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମମାନଙ୍କର ତୃଟିଗୁଡିକୁ ଆମମାନଙ୍କର କର୍ତ୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَآ اَنْفُسَنَا ۫ وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ اِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍‌ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତ୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

### ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

### ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

**ହୁ ଓ୍ୱଶ୍ ଶାଫି**

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Anisha Begum, Jamat Ahemadiya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 18 April 2019 Issue No. 16

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୨୦ ଅକ୍ଟୋବର ୨୦୧୮ (ଶନିବାର) ରିପୋର୍ଟର ବଳକା ଅଂଶ । ଉଦ୍‌ଘାଟନି ଉତ୍ସବରେ ସାମିଲ ହୋଇଥିବା ଅତିଥିମାନଙ୍କର ମନୋଭାବ ।

ବାଲ୍‌ଟିମ୍ୟୁର କାଉଂଟି ପୋଲିସ୍ ଡ଼ିପାର୍ଟମେଂଟର ସଦସ୍ୟ Chris Keyl ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଆଜିର ପ୍ରୋଗ୍ରାମ ବହୁତ ଶାନ୍‌ଦାର ପ୍ରୋଗ୍ରାମ ଥିଲା । ମୁଁ ୨୦୧୫ ମସିହାରୁ ଏ ଯମାତ୍‌କୁ ଦେଖୁଅଛି । ଏ ଯାମତ୍ ପ୍ରେମ, ସ୍ନେହ ଓ ଶାନ୍ତିର ପ୍ରଚାରରେ ଅନବରତ ଲାଗି ରହିଛି । ଆଜି ପ୍ରଥମଥର ପାଇଁ ମୁଁ ଆପଣଙ୍କ ଇମାମ୍‌ଙ୍କ ନିକଟରୁ ଏହି କଥା ମଧ୍ୟ ଶୁଣିଛି । ମତେ ଏବେ ଜଣାପଡ଼ିଛି ଯେ ଅସଲ ବାର୍ତାର ଉତ୍ସ୍ କଣ । ଆପଣଙ୍କ ଇମାମଙ୍କ ମହାନ ବ୍ୟକ୍ତିତ୍ୱରୁ ଏହି ଭଲଗୁଣ ଗୁଡ଼ିକ ନିର୍ଗତ ହେଉଛି ତା'ପରେ ପ୍ରତ୍ୟେକ ସ୍ଥାନରେ ତଳ ସ୍ତର ପର୍ଯ୍ୟନ୍ତ ଜଣ ଜଣ କରି ସମସ୍ତ ଅହେମଦୀମାନଙ୍କ ଭିତରେ ପ୍ରବେଶ କରୁଅଛି ତା'ପରେ ପ୍ରତ୍ୟେକ ଅହେମଦୀ ଉପରୋକ୍ତ ଭଲ ଗୁଣ ଗୁଡ଼ିକୁ ନିଜ ଆଚରଣ ଦ୍ୱାରା କାର୍ଯ୍ୟରେ କରି ଦେଖାଉଛନ୍ତି । ହଜୁରଙ୍କର ଏଠାକୁ ଆସିବା ବହୁତ ଲାଭଦାୟକ । ବିଗତ କିଛି ବର୍ଷ ହେବ ଏଠିକାର ପରିସ୍ଥିତି କିଛିଟା ଖରାପ ହେଉଅଛି । ଶାନ୍ତି ସ୍ଥାପନ କରିବାକୁ ଚାହୁଁଥିବା କାର୍ଯ୍ୟାଳୟଗୁଡ଼ିକୁ କିଛି କମ୍ୟୁନିଟି ତରଫରୁ ଚ୍ୟାଲେଞ୍ଜର ସମ୍ମୁଖିନ ହେବାକୁ ପଡୁଛି । ଏତେ ବଡ଼ ବ୍ୟକ୍ତି ବିଶେଷ ଏଠାକୁ ଆସିଥିବାରୁ ଆମକୁ ବହୁତ ଖୁସି ଲାଗୁଛି । ହଜୁର ସମସ୍ତଙ୍କୁ ଶାନ୍ତିର ବାର୍ତା ଦେଉଛନ୍ତି ଓ ସମସ୍ତଙ୍କୁ ସାଥିରେ ଦେଇ ଚାଲିବାର କଥା କହୁଛନ୍ତି । ହଜୁରଙ୍କ ବ୍ୟକ୍ତିତ୍ୱରେ ଯେଉଁ ବିଶେଷତା ରହିଛି ତାହା ହେଉଛି ତାଙ୍କର ବିନମ୍ର ସ୍ୱଭାବ ଓ ଏହି ଗୁଣ ତାଙ୍କୁ ସ୍ୱତନ୍ତ୍ର କରୁଛି ।

ଆଉ ଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ: ମତେ ଏହି ପ୍ରୋଗ୍ରାମ ପୂର୍ବରୁ ହଜୁର ଅନ୍‌ଓ୍ୱରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିଛି । ମୁଁ ହଜୁର୍‌ଙ୍କ ବ୍ୟକ୍ତିତ୍ୱରେ ବିନମ୍ର ସ୍ୱଭାବ ଦେଖିବାକୁ ପାଇଛି । ଯେଉଁ କ୍ଷଣି ହଜୁର୍ ଏଠାରେ ପଦାର୍ପଣ କଲେ, ସେହି କ୍ଷଣି ମତେ ହଜୁରଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ପ୍ରଭାବଶାଳି ଲାଗିଲା । ହଜୁର୍ ପ୍ରତ୍ୟେକଙ୍କ କଥା ଶୁଣୁଛନ୍ତି । ହଜୁରଙ୍କ ସହିତ ମିଶି ଏପରି ଅନୁଭବ ହେଉଛି କି, ଆପଣ ମାନବ ସମାଜର ବାସ୍ତବିକ ଦରଦ ରଖିଛନ୍ତି ।

ଆଉ ଜଣେ ମହିଳା ଅତିଥି ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ: ମୁଁ ହଜୁର ଅନ୍‌ଓ୍ୱରଙ୍କ ନିକଟରେ ନଥିଲି । ମୁଁ ହଜୁରଙ୍କୁ ପରଦା ଉପରେ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲି । ହଜୁର୍‌ଙ୍କୁ ଦେଖିବା କ୍ଷଣି ଏପରି ଅନୁଭବ ହେଲା ଯେପରି ହଜୁର୍‌ଙ୍କ ଅସ୍ତିତ୍ୱରୁ ଖୁଦାତାଲାଙ୍କ ନୁର୍ (ଅର୍ଥାତ୍ ଜ୍ୟୋତି) ବାହାରଛି । ମୁଁ ବହୁତ ଲୋକଙ୍କୁ ଏ କଥା ହେଉଥିବାର ଦେଖିଛି ଓ ମୁଁ ମଧ୍ୟ ନିଜେ ଏହାର ସାକ୍ଷି ଅଛି ହଜୁର୍‌ଙ୍କ ଉପସ୍ଥିତିରେ ଖୁଦାତାଲାଙ୍କ ନୁର୍ ଅବତୀର୍ଣ୍ଣ ହେଉଥିବାର ଅନୁଭବ ହୋଇଥାଏ ।

ବାଲ୍‌ଟିମ୍ୟୁର କଉଁଟିର ସର୍‌ଜେଂଟ Mr. Chuck Hart ସାହେବ ନିଜର ମନୋଭାବ ବ୍ୟକ୍ତ କରି କହିଲେ: ଯମାତ ଅହେମଦୀୟାର ଖଲିଫାଙ୍କ ଅଭିଭାଷଣ ଅତ୍ୟନ୍ତ ପ୍ରାମାଣିକ ଓ ଅତ୍ୟନ୍ତ ଶକ୍ତିଶାଳୀ ଥିଲା, ସେଥିରେ ସେ ଏକତା, ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ଓ ମୁସ୍‌ଲମାନଙ୍କ ମସ୍‌ଯିଦ୍‌ର ଅସଲ ଉଦ୍ଦେଶ୍ୟ ଉପରେ ଆଲୋକପାତ କଲେ । ଖଲିଫା ସେହି ସମସ୍ତ ଆରୋପ ଓ ଭୁଲ୍‌ବୁଝାମଣାର ମଧ୍ୟ ଉତର ଦେଲେ ଯାହା ଆଜିକାଲି ଏ ସମାଜରେ ମୁସଲ୍‌ମାନମାନଙ୍କ ସମ୍ବନ୍ଧରେ ପ୍ରଚାର କରାଯାଉଛି । ଖଲିଫାଙ୍କ ଅଭିଭାଷଣ ଦ୍ୱାରା ମୁଁ ଏକଥାରେ ଉପନିତ ହୋଇଛି ଯେ, ବାସ୍ତବରେ ଜ୍ଞାନ ହିଁ ଅସଲ ଶକ୍ତି, ଯାହା ଜରିଆରେ ମୂର୍ଖତା ଓ ଅଜ୍ଞାନତା ଦୂର ହୋଇଥାଏ ।

Ms. Marie Marucci ସାହିବା ନିଜର ମନୋଭାବ ବ୍ୟକ୍ତ କରି କହିଲେ; ମୁଁ ଆପଣଙ୍କ ଯମାତ୍‌ର ଶିକ୍ଷା ବିଭାଗ ନିମନ୍ତେ ସମ୍ମାନମୂଳକ ଶିଲ୍ଡ଼ ପ୍ରସ୍ତୁତ କରିଥାଏ । ତେଣୁ ଯମାତ୍ ସହିତ ମୋର ପୂର୍ବରୁ ପରିଚୟ ରହିଛି । ହଜ୍‌ରତ ଖଲିଫତୁଲ୍ ମସିହାଙ୍କୁ ଏଠାରେ ସ୍ୱୟଂ ଉପସ୍ଥିତ ହେବାର ଦେଖି ବହୁତ ଖୁସି ଅନୁଭବ ହେଉଛି । ହଜୁର ଯେଉଁ ବାର୍ତାକୁ ନିଜ ବକ୍ତବ୍ୟ ମାଧ୍ୟମରେ ଆମ ନିକଟରେ ପହଂଚାଇଛନ୍ତି । ତାହା ଅତ୍ୟନ୍ତ ସୁନ୍ଦର ଓ ଏହି ଜଟିଳ ସମୟ ମୁତାବକ ।

Mr. Russ Edwards (Government I.T. Contractor) ।ହେବ ନିଜର ଭାବକୁ ବ୍ୟକ୍ତ କରି କହିଲେ । ଆଜି ମୁଁ ପ୍ରଥମଥର ପାଇଁ ଯମାତ ଅହେମଦୀୟାର ଫଙ୍କ୍‌ସନ୍ (Function) ରେ ସାମିଲ ହୋଇଛି । ଆପଣଙ୍କ ଖଲିଫାଙ୍କ ବାର୍ତା ବହୁତ ପସନ୍ଦ ଲାଗିଲା । ଯେଉଁଥିରେ ସେ ଅଣମୁସଲିମ୍ ସଦସ୍ୟମାନଙ୍କୁ ସ୍ୱାନ୍ତନା ଦେଇଛନ୍ତି କି ଯମାତ ଅହେମଦୀୟାର ଏହି ମସଜିଦ୍ ଏହି ସହରରେ ଶାନ୍ତିର ଏକ ପ୍ରତୀକ ହେବ ।

Ms. Grace Byerly ସାହିବା ନିଜର ମନୋଭାବ ବ୍ୟକ୍ତ କରି କହିଲେ । ମୁଁ ଜଣେ ଅବସରପ୍ରାପ୍ତ ପ୍ରଫେସର ଓ ତିରିଶ ବର୍ଷ ଇହୁଦୀ ଓ ମୁସଲମାନମାନଙ୍କ ସହିତ କାମ କରି ସାରିଛି । ଆଜି ଇସ୍‌ଲାମ୍‌ର ଖଲିଫାଙ୍କୁ ଦେଖି ଓ ତାଙ୍କ ଅଭିଭାଷଣକୁ ଶୁଣି ଏପରି ଅନୁଭବ ହେଉଛି ଯେପରି ଆମ କ୍ୟାଥୋଲିକ୍ କମ୍ୟୁନିଟିର ଧାର୍ମିକ ମାର୍ଗଦର୍ଶକ ପୋପ୍ ଆମକୁ ସମ୍ବୋଧନ କରୁଛନ୍ତି । ତେଣୁ ମୁଁ ଏ ଆଶାକରୁଛିକି ଲୋକମାନେ ଖଲିଫାଙ୍କ ଭାଷଣ ଶୁଣି ଅଜ୍ଞାନତାକୁ ଦୂରକରି ଆଲୋକର ଏହି ନୂଆ ଯୁଗରେ ପ୍ରବେଶ କରିବେ ।

Mr. Ann Hp (Nurse) ନିଜର ମନୋଭାବ ବ୍ୟକ୍ତ କରି କହିଲେ ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ଶୁଣିବା ପୂର୍ବରୁ ମୁଁ ତାଙ୍କର ପ୍ରୋଫାଇଲ୍ (Profile) ଇଂଟରନେଟ୍‌ରେ ପଢିସାରିଛି । ତେଣୁ ବହୁତ ଖୁସିଲାଗୁଛି ଯେ ବାସ୍ତବରେ ଖଲିଫା ସାହେବଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଯେଉଁଭଳି ଇଂଟରନେଟ୍‌ରେ ପଢିଥିଲି ଠିକ୍ ସେହିପରି ତାଙ୍କ ବ୍ୟକ୍ତିତ୍ୱକୁ ଅତ୍ୟନ୍ତ ନମ୍ର ଓ ଚରିତ୍ରବାନ ପାଇଲି । ଖଲିଫାଙ୍କ ଭାଷଣ ବୁଝିବାପାଇଁ ବହୁତ ସହଜ କିନ୍ତୁ ମନ ଉପରେ ଏକ ବିଶେଷ ପ୍ରଭାବ ପକାଉଥିଲା । ଖଲିଫା ସାହେବ ଯେଉଁ ବାର୍ତା ଆମକୁ ପ୍ରଦାନ କରିଛନ୍ତି ଯଦି ତା ମୁତାବକ ଅମଳ କରାଯାଏ ତେବେ ଏହା ନିଶ୍ଚିତ ଯେ ଆମ ସହର ଓ ପୁରା ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

Mr. Bill Millen (Retired Presbyterian) ସାହେବ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ, ଆଜିର ଏହି ଉତ୍ସବରେ ଆପଣ ଯମାତ ତରଫରୁ ଯେଉଁ ଆତିଥ୍ୟତା ପ୍ରଦାନ କରାଗଲା, ସେଥିରୁ ମୁଁ ବହୁତ ପ୍ରଭାବିତ ହୋଇଛି । ଆପଣଙ୍କ ଖଲିଫାଙ୍କ ଭାଷଣ ଶୁଣି ବହୁତ ଭଲ ଲାଗିଲା ଯେ ଆପଣମାନେ ଧର୍ମଙ୍କ ଦେଇ ଖୋଲା ହୃଦୟ ସହିତ କଥା ହେବା ପାଇଁ ପ୍ରସ୍ତୁତ ଅଛନ୍ତି । ତତ୍ ସହିତ ଖଲିଫା ତାଙ୍କ ଭାଷଣରେ ସେହି ସମସ୍ତ ସମସ୍ୟା ଉପରେ ଆଲୋକପାତ କରିଛନ୍ତି ଯାହା ବର୍ତମାନ ଇସ୍‌ଲାମୀୟ ରାଷ୍ଟ୍ର ଗୁଡିକରେ ଦେଖାଦେଇଛି । ଭାଷଣ ଶେଷରେ ଖଲିଫା ସାହେବଙ୍କ ଏହି ବାର୍ତା ଅର୍ଥାତ ଆମକୁ ମିଳିମିଶି ନିଜର କାର୍ଯ୍ୟ ଓ ଦୁଆ ଜରିଆରେ ଏକ ହୋଇ ଶାନ୍ତି ପ୍ରତିଷ୍ଠା ନିମିତ ଚେଷ୍ଟା କରିବାର ଆବଶ୍ୟକତା ରହିଛି । ଏହା ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତା ଯେଉଁଥିରେ ଆମ ସାମରିକ ଉନ୍ନତିର ସାଧନ ନିହିତ ରହିଛି ।

Ms. Elaine Crawford (Retired School Teacher) ସାହିବା ନିଜର ମନୋଭାବ ବ୍ୟକ୍ତ କରି କହିଲେ, ଖଲିଫା ସାହେବଙ୍କୁ ଦେଖି ମୁଁ ଦୃଢ ବିଶ୍ୱାସର ସହ କରିପାରିବ ଯେ ତାଙ୍କ ବ୍ୟକ୍ତିତ୍ୱ ସଦୃଶ ତାଙ୍କର ବାର୍ତା ମଧ୍ୟ ନିଷ୍ଠାଭାବରେ ପରିପୂର୍ଣ୍ଣ । ଏ ପୃଥିବୀରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ, ଏ ସମ୍ବନ୍ଧରେ ଖଲିଫା ଯେଉଁ ଚେଷ୍ଟା କରୁଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଏକ ନମୁନା । ଯେଉଁ ଗୋଟିଏ କଥାରେ ମୁଁ ଦୁଃଖିତ ତାହା ହେଉଛି ଏହା କି ଖଲିଫା ସାହେବଙ୍କୁ ଅଣମୁସ୍‌ଲିମ୍‌ମାନଙ୍କୁ ବିଶେଷ ରୂପେ ଏ ସାନ୍ତ୍ୱନା ଦେବାକୁ ପଡିଲା ଯେ ଇସ୍‌ଲାମ୍ ଏକ ଶାନ୍ତିପ୍ରୀୟ ଧର୍ମ ଅଟେ । ତେଣୁ ଆମକୁ ଇସ୍‌ଲାମ ଏବଂ ମୁସଲ୍‌ମାନ୍‌ମାନଙ୍କୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ମୁଁ ଏ ଆଶା ମଧ୍ୟ କରୁଛି କି ହଜୁର ଏ କଥା ଜାଣିଛନ୍ତି ଯେ ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଇସ୍‌ଲାମ୍‌କୁ ଶାନ୍ତିପ୍ରୀୟ ଧର୍ମ ରୂପେ ଜାଣୁଛୁ ।

Ms. Carol Rice ସାହିବା ବର୍ଣ୍ଣନା କରୁଛନ୍ତି କି ଆଜି ଇସ୍‌ଲାମ୍‌ର ଖଲିଫାଙ୍କ ଭାଷଣ ଶୁଣି ଓ ତାଙ୍କୁ ଦେଖି ଏକ ବିଶେଷ ସମ୍ମାନ ଅନୁଭବ କରୁଅଛି ଯେ ଖୁଦାଙ୍କର ଜଣେ ପ୍ରୀୟ ଭକ୍ତ ଏଠାରେ ଆସି ଆମକୁ ଆଜି ବକ୍ତବ୍ୟ ପ୍ରଦାନ କରିଛନ୍ତି ଯାହା କେବଳ ଶାନ୍ତିର ଶିକ୍ଷା ଉପରେ ପରିବେଷ୍ଟିତ ।

Ms. Mary Ellen Vanni ସାହିବା ବର୍ଣ୍ଣନା କରୁଛନ୍ତି କି ଆଜିରଏହି ପ୍ରୋଗାମ୍‌ରୁ ଏକଥା ସ୍ୱଷ୍ଟ ହୋଇଗଲା ଯେ ଇସ୍‌ଲାମ୍ ଅବଶ୍ୟ ନିଜ ନାମପରି ଶାନ୍ତିପ୍ରୀୟ ଧର୍ମ ଅଟେ । ଇସ୍‌ଲାମ୍‌ର ଖଲିଫା ଯେଉଁ ଭାବରେ ଅଭିଭାଷଣ ପ୍ରଦାନ କରୁଛନ୍ତି ଓ ଲୋକମାନଙ୍କ ସହିତ ମିଶୁଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ ସେ ଜଣେ ଅତ୍ୟନତ୍ ସ୍ୱଷ୍ଟବାଦୀ ଓ ଖୋଲାହୃଦୟର ମାଲିକ ଅଟନ୍ତି । ଖଲିଫା ସାହେବଙ୍କ କଥା ମନ ଉପରେ ଏକ ପ୍ରକାର ବିଶେଷ ପ୍ରଭାବ ପକାଇଛି ଯାହା ମୁଁ ଶବ୍ଦରେ ବର୍ଣ୍ଣନା କରିବାକୁ କଷ୍ଟକର ଅନୁଭବ କରୁଛି । ମୁଁ ଏ ଆଶାକରୁଛି

*ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan